

# ଜିଲ୍ଲା ସଦର ମହକୁମା ରେ ୮୦ତମ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ



ଜଗତସିଂହପୁର,୧୬।୮ :(ମନ୍ଥନ) ଜଗତସିଂହପୁର ଜିଲ୍ଲା ସଦର ମହକୁମା ସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ରେ ୮୦ତମ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ଏକ ବର୍ଣ୍ଣାଢ୍ୟ ପରିବେଶରେ ପାଳିତ ହୋଇଯାଇଅଛି। ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ ଶ୍ରୀଯୁକ୍ତ ସୁଧାଂଶୁ ମୋହନ ସାମଲ, ଭା.ପ୍ର.ସେ. ଜାତୀୟ ପତାକା ଉତ୍ତୋଳନ କରିବା ସହ ଆନୁଷ୍ଠାନିକ ପରେଡ ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ବନ୍ଦେ ମାତରଂ ଗାନ ଓ ଜାତୀୟ ପତାକା ଉତ୍ତୋଳନ ପରେ ପରେ ଜାତୀୟ ସଂଗୀତ ଗାନ କରାଯାଇଥିଲା । ଉପସ୍ଥିତ ଜନତାଙ୍କୁ ସମ୍ବୋଧନ କରି ଦେଶର ସ୍ୱାଧୀନତା ପାଇଁ ଅମର ବଳିଦାନ ଦେଇଥିବା ମହାନ ସଂଗ୍ରାମୀ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଭଗତ ସିଂହଙ୍କ ସମେତ ଓଡ଼ିଶାର ଅନେକ ବରପୁତ୍ର—ଉତ୍କଳମଣି ଗୋପବନ୍ଧୁ ଦାସ, ବୀର ସୁରେନ୍ଦ୍ର ସାଏ, ବକ୍ସି ଜଗବନ୍ଧୁ ଏବଂ ଅମର ସହିଦ ବାଜି ରାଉତ ପ୍ରମୁଖଙ୍କୁ ଏହି ପବିତ୍ର ଅବସରରେ ସ୍ମରଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜଗତସିଂହପୁର ମାଟିର ଗୌରବ ତଥା ଜାତୀୟ କବି ବୀରକିଶୋର ଦାସଙ୍କର କାଳଜୟୀ ପଦକୁ ସ୍ମରଣ କରି ଶ୍ରମଜୀବୀ ଭାଇ ଓ ଭଉଣୀମାନଙ୍କର ଗୁରୁତ୍ୱକୁ ଉପସ୍ଥାପନ କରିଥିଲେ । ସେ କହିଥିଲେ ଯେ ଜଗତସିଂହପୁର କେବଳ ଉଚ୍ଚ ସଂସ୍କୃତି ଓ ସାରସ୍ୱତ ସାଧନାର ପବିତ୍ର ଭୂମି ନୁହେଁ, ବରଂ ଆଜି ସମଗ୍ର ଓଡ଼ିଶାର ଅର୍ଥନୀତି, ଶିଳ୍ପାୟନ ଓ ପ୍ରଗତିର ଏକ ପ୍ରମୁଖ ଶକ୍ତିକେନ୍ଦ୍ର ଭାବେ ପରିଚିତ ହୋଇଛି, ଯାହା କି ଜିଲ୍ଲାର ବାଣିଜ୍ୟିକ କାରବାରକୁ ବୃଦ୍ଧି କରିବା ସହ ଆଗାମୀ ଦିନରେ ହଜାର ହଜାର ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଜିଲ୍ଲାର ଗର୍ବ ପାରାଦୀପ ବନ୍ଦର ଆଜି ଦେଶର ଏକ ଅଗ୍ରଣୀ ବନ୍ଦର ଭାବେ ନିଜର ସ୍ଥାନ ସୁଦୃଢ଼ କରିଚାଲିଛି। ଏହା ଓଡ଼ିଶାର ଆର୍ଥିକ ମୂଳଦଣ୍ଡକୁ ଆହୁରି ସୁଦୃଢ଼ କରିବ। ପ୍ରଶାସକ ଭାବେ ମୋର ଦୃଢ଼ ବିଶ୍ୱାସ ଯେ, ପ୍ରଶାସନର ପ୍ରକୃତ ସଫଳତା ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ସମୟାନୁବର୍ତ୍ତି କାର୍ଯ୍ୟସମ୍ପାଦନ ଉପରେ ନିର୍ଭର କରେ। ସରକାରଙ୍କ ପ୍ରତ୍ୟେକ ଜନକଲ୍ୟାଣକାରୀ ଯୋଜନାର ସୁଫଳ ସମାଜର ଶେଷ ଧାଡ଼ିରେ ଥିବା ଲୋକଙ୍କ ନିକଟରେ ପହଞ୍ଚାଇବା ସହ ଗ୍ରାମୀଣ ଭିତ୍ତିଭୂମି, ରାସ୍ତାଘାଟ ଓ ସାମଗ୍ରିକ ଉନ୍ନୟନ କାର୍ଯ୍ୟକୁ ନିରନ୍ତର ଭାବେ ଆଗେଇ ନିଆଯାଉଛି । ଜଗତସିଂହପୁର ଜିଲ୍ଲାର ସାମଗ୍ରିକ ବିକାଶ, ଜନସାଧାରଣଙ୍କ ସୁଖ, ସମୃଦ୍ଧି ଓ ସ୍ୱାବଲମ୍ବନ ପାଇଁ ପ୍ରଶାସନ ସମସ୍ତଙ୍କ ସହଯୋଗରେ ନିରନ୍ତର କାର୍ଯ୍ୟ କରିବ । ଏକ ସମୃଦ୍ଧ, ସଶକ୍ତ ଓ ବିକଶିତ ଜଗତସିଂହପୁର ଗଠନ ଆମ ସମସ୍ତଙ୍କର ସାମୂହିକ ସଂକଳ୍ପ ହେବା ଉଚିତ ବୋଲି ସେ ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ପହଞ୍ଚିବା ପରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ, ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା ମୁଖ୍ୟ ଅତିଥି ଙ୍କୁ ପତାକା ସ୍ତମ୍ଭ ନିକଟକୁ ପାଛୋଟି ଆଣିଥିଲେ । ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ନାଉଗାଁହାଟ ଉଚ୍ଚ ବିଦ୍ୟାଳୟ, ନାଉଗାଁହାଟ ର ଛାତ୍ରୀ ଗାୟତ୍ରୀ ପୋଲେଇ ଙ୍କୁ ମୁଖ୍ୟ ଅତିଥି ପାଞ୍ଚଜନ୍ୟ ସାଂସ୍କୃତିକ ଓ ସାମାଜିକ ପରିଷଦ, ପୂର୍ଣ୍ଣ ଚନ୍ଦ୍ର ସ୍ମାରକ ମେଧାବୃତ୍ତି ଏବଂ ଜଗତସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରୀ ସଂସଦ ପକ୍ଷରୁ ପୁରସ୍କାର ସ୍ୱରୂପ ନଗଦ ଅର୍ଥ ରାଶି,ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ସ୍ୱାଧୀନତା ଦିବସ ପାଳନ ଅବସରରେ ଜିଲ୍ଲାସ୍ତରୀୟ ବକ୍ତୃତା , ଦେଶାତ୍ମବୋଧକ ସଙ୍ଗୀତ, ଜଣାଅଜଣା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ପ୍ୟାରେଡରେ ମୋଟ ୨୫ ଟି ଦଳ ଭାଗ ନେଇଥିଲେ ଓ ସେମାନଙ୍କ ମଧ୍ୟରୁ ୟୁନିଫର୍ମ ଗ୍ରୁପ ରୁ ଏସ କେ ଏକାଡେମୀ (ଏୟାର ୱିଙ୍ଗ) ,ସିନିୟର୍ ସିଭିଲିଆନ ଦଳରୁ ଡ୍ରିମ୍ ଇଣ୍ଡିଆ ସ୍କୁଲ, ଜୁନିୟର୍ ସିଭିଲିଆନ ଦଳରୁ ଜଗତସିଂହପୁର ପବ୍ଲିକ୍ ସ୍କୁଲ ଶ୍ରେଷ୍ଠ ବିବେଚିତ ହୋଇ ମୁଖ୍ୟ ଅତିଥିଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ। ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ୟାରେଡ୍ ରେ ଅଂଶ ଗ୍ରହଣ କରିଥିଲେ। ପରେ ଶୁଦ୍ଧାନନ୍ଦ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ରସଲପୁର, ପି ଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସ୍କଲାର ଇଂଲିଶ ମିଡିଅମ ସ୍କୁଲ ର ଛାତ୍ରଛାତ୍ରୀ ମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଏବଂ ମୁଖ୍ୟ ଅତିଥି ସେମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ । ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଯୁକ୍ତ ଭାଗୀରଥି ସ୍ୱାଇଁ ଙ୍କୁ ମୁଖ୍ୟ ଅତିଥି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସହର ମଧ୍ୟରେ ଥିବା ସମସ୍ତ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ଗୁଡ଼ିକ ରେ ମାଲ୍ୟାର୍ପଣ କରାଯାଇଥିଲା । ପ୍ୟାରେଡ୍ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଏବଂ ଜିଲ୍ଲା କାରାଗାର ଆଳିପିଙ୍ଗଳ ର ଅନ୍ତେବାସୀଙ୍କୁ ଫଳବଣ୍ଟନ କରାଯାଇଥିଲା । ଚଳିତ ବର୍ଷ ହର ଘର ତ୍ରିରଙ୍ଗା ଅଭିଯାନ ଅନ୍ତର୍ଗତ ଉପସ୍ଥିତ ସମସ୍ତ ଅତିଥି ଓ ଜନସାଧାରଣ ତ୍ରିରଙ୍ଗା ସେଲ୍ଫି ପଏଣ୍ଟ ରେ ସେଲ୍ଫି ଉଠାଇ ଥିଲେ । ପ୍ରତ୍ୟୁଷ ରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ରାମଧୁନ ରେକର୍ଡ ଯୋଗେ ସହରରେ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ଜିଲ୍ଲା ପରିଷଦର ସଭାପତି ଶ୍ରୀ ମନୋଜ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ସମ୍ବିତ୍ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ଜ୍ୟୋତି ଶଙ୍କର ରାୟ,ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ, ଶ୍ରୀ ନିରଞ୍ଜନ ବେହେରା,ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ,ଜିଲ୍ଲା ପରିଷଦ, ଶ୍ରୀ ଅକ୍ଷୟ ପିଲ୍ଲେ , ଉପଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ ,ପୌର ପରିଷଦ ଅଧକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ, ଉପାଧକ୍ଷ ଶ୍ରୀ ରାଜେନ୍ଦ୍ର ବିଶୋଇ,ପ୍ରଶାସନିକ ଅଧିକାରୀ , ସହରର ବୁଦ୍ଧିଜିବୀ, ଆଇନଜିବୀ,ବିଦ୍ୟାଳୟ ଓ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ , ଶିକ୍ଷକ ଶିକ୍ଷୟିତ୍ରୀ ଓ ଗଣମାଧମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଆଇପିଏସ ସ୍କୁଲରେ ସ୍ୱାଧୀନତା ଦିବସ ପାଳିତ

ବ୍ରହ୍ମପୁର,୧୬।୮ :(ମନ୍ଥନ): ସ୍ଥାନୀୟ ଲାଞ୍ଜିପଲ୍ଲୀ, ଗୁଡ୍‌ସେଡ୍ ରୋଡ୍ ସ୍ଥିତ ଗୁରୁକୁଳ ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ଭାରତର ୮୦ତମ ସ୍ୱାଧୀନତା ଦିବସ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ନ୍ୟାୟାଧୀଶ ଶ୍ରୀ ହିମାଂଶୁ ଶେଖର ବ୍ରହ୍ମା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ (ଭିଜିଲାନ୍ସ) ଶ୍ରୀ ଦେବଦତ୍ତ ପଟ୍ଟନାୟକ ଏବଂ ପୂର୍ବତନ ବିଧାୟକ ଶ୍ରୀ ସୀମାଞ୍ଚଳ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ବିଦ୍ୟାଳୟ ସଭାପତି ଶ୍ରୀ ପ୍ରଶାନ୍ତ ମହାପାତ୍ର, ସମ୍ପାଦିକା ଶ୍ରୀମତୀ ଅନିତା ପାଢ଼ୀ, ଶ୍ରୀ ରଞ୍ଜନ ପଲେଇ, ଶ୍ରୀମତୀ ଲକ୍ଷ୍ମୀ ବେହେରା, ବିଦ୍ୟାଳୟ ଅଧକ୍ଷା ଶ୍ରୀମତୀ ମଧୁଛନ୍ଦା ମିଶ୍ର ଏବଂ ଉପାଧକ୍ଷା ଶ୍ରୀମତୀ ଚୁମ୍‌କି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଶ୍ରୀ ବ୍ରହ୍ମା ଜାତୀୟ ପତାକା ଉତ୍ତୋଳନ ପରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଅତିଥି ମାନେ ବିଦ୍ୟାଳୟର ଏନ୍ ?ସିସି, ସ୍କାଉଟ୍ ଓ ହାଉସ୍ ଟ୍ରୁପର ନିରୀକ୍ଷଣ କରିବା ସହ ଛାତ୍ରଛାତ୍ରୀ ମାନଙ୍କ ଆକର୍ଷଣୀୟ ପରେଡ୍‌ର ଅଭିବାଦନ ଗ୍ରହଣ କରିଥିଲେ । ଏହି ପରିପ୍ରେକ୍ଷୀରେ ଅତିଥି ମାନେ ନିଜ ନିଜ ଉଦ୍ ?ବୋଧନରେ ଦେଶପ୍ରେମ, ଦେଶର ଏକତା ଓ ଦାୟିତ୍ୱବୋଧ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନେ ବିଭିନ୍ନ ଦେଶାତ୍ମବୋଧକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଉପସ୍ଥିତ ଅତିଥି ଓ ଅଭିଭାବକ ମାନଙ୍କ ମନ ରଞ୍ଜନ କରିଥିଲେ। ତେବେ ଶ୍ରୀମାନ ପ୍ରୀତମ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ ୧୦,୮୦୦ ବର୍ଗ ଫୁଟ୍ ବିଶିଷ୍ଟ ବିଶାଳ ତ୍ରିରଙ୍ଗା ପତାକା ଆୟୋଜିତ ଏହି ଉତ୍ସବର ମୁଖ୍ୟ ଆକର୍ଷଣ ରହିଥିଲା ଯାହାକୁ ଅତିଥି ମାନେ ବହୁ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପରିଚାଳନା କରିଥିବା ବେଳେ, ସମସ୍ତ କର୍ମଚାରୀ ମାନେ ସହଯୋଗ କରିଥିଲେ।




# ଜେଏନଭି ମାଲକାନଗିରିରେ ଉତ୍ସାହ ଓ ଉଦ୍ଦୀପନାର ସହ ସ୍ୱାଧୀନତା ଦିବସ ପାଳିତ

ମାଲକାନଗିରି,୧୬।୮ :(ମନ୍ଥନ)ମାଲକାନଗିରି ଜବାହର ନବୋଦୟ ବିଦ୍ୟାଳୟ–୧ ପରିସରରେ ଆଜି ୭୯ତମ ସ୍ୱାଧୀନତା ଦିବସ ଉତ୍ସାହ, ଦେଶଭକ୍ତି ଓ ଆନନ୍ଦର ପରିବେଶରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଈଚଝଙଉଖର ଝର ଇଞ୍ଜିନିୟର ଶ୍ରୀ ଆଶିଷ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଡିଗ୍ରୀ କଲେଜର ବାଣିଜ୍ୟ ବିଭାଗର ଐଙଉ ଶ୍ରୀ ରଞ୍ଜନ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ଶ୍ରୀ ୱାଇ. ଏସ୍. ରାଓଙ୍କ ଉପସ୍ଥିତିରେ ସମସ୍ତ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା।ଏହି ଅବସରରେ ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ନୃତ୍ୟ, ଦେଶାତ୍ମବୋଧକ ସଙ୍ଗୀତ, ଭାଷଣ, ଯୋଗ, ତାଇକୋଣ୍ଡୋ ଏବଂ ହାଉସ୍ ପ୍ୟାରେଡ୍ ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା, ଦକ୍ଷତା ଓ ଦେଶପ୍ରେମଭରା ପ୍ରଦର୍ଶନ ଉପସ୍ଥିତ ଅତିଥି ଓ ଅଭିଭାବକଙ୍କ ମନ ଜିଣିଥିଲା।ଏହା ପୂର୍ବରୁ ଅଗଷ୍ଟ ୧୪ ତାରିଖରେ 'ହର ଘର ତିରଙ୍ଗା' କାର୍ଯ୍ୟକ୍ରମ ଜେଏନଭି ମାଲକାନଗିରି ପରିସରରେ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟ କମାଣ୍ଡୋ ଦେଶର ଜାତୀୟ ପତାକାର ମହତ୍ତ୍ୱ, ଦେଶପ୍ରେମ ଓ ନାଗରିକଙ୍କ କର୍ତ୍ତବ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ।ସ୍ୱାଧୀନତା ଦିବସ ଅବସରରେ ଡେପୁଟି କମାଣ୍ଡାଣ୍ଟ ଶ୍ରୀ ବି. ଏନ୍. ରାଉତ, ଶ୍ରୀ ରବି ଶଙ୍କର ମିଶ୍ର, ଡି.ସି. ଶ୍ରୀ ପବନ କୁମାର ଏବଂ ଶ୍ରୀ ସୁଦର୍ଶନ କୁମାରଙ୍କ ସହ ବିଏସ୍‌ଏଫ୍ ?ର ଅଧିକାରୀ ଓ ଯବାନମାନଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଅଧିକ ଗୌରବମୟ କରିଥିଲା।ଶେଷରେ ଅତିଥିମାନେ ଛାତ୍ରଛାତ୍ରୀଙ୍କ ଉତ୍କୃଷ୍ଟ ପ୍ରଦର୍ଶନର ପ୍ରଶଂସା କରିବା ସହ ଦେଶର ଏକତା, ଅଖଣ୍ଡତା ଓ ଉନ୍ନତି ପାଇଁ ଯୁବପିଢ଼ିଙ୍କୁ ଦାୟିତ୍ୱବାନ ହେବାକୁ ଆହ୍ୱାନ ଦେଇଥିଲେ। ସମଗ୍ର ବିଦ୍ୟାଳୟ ପରିସର 'ଭାରତ ମାତା କି ଜୟ' ଓ ଦେଶଭକ୍ତିର ନାରାରେ ମୁଖରିତ ହୋଇଥିଲା।

# କୋଷ୍ଟା ସ୍ୱରସତି ଶିଶୁ ମନ୍ଦିରରେ ଦେଶଭକ୍ତିର ରଙ୍ଗ

ମୋରଡ଼ା,୧୬।୮ :(ମନ୍ଥନ)ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ କଷ୍ଟା ସ୍ୱରସତି ଶିଶୁ ମନ୍ଦିରରେ ଆଜି ମହାଆଡମ୍ବର ସହିତ ୮୦ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଏହି ଅବସରେ କୁନି କୁନି ଛାତ୍ରଛାତ୍ରୀମାନେ ପ୍ରଭାତ ଫେରିରେ କଷ୍ଟା ବଜାର ପରିକ୍ରମା କରିଥିଲେ। ଛାତ୍ରଛାତ୍ରୀଙ୍କ ମନରେ ଦେଶାତ୍ମବୋଧ ଜାଗ୍ରତ କରିବା ସହ ସମଗ୍ର ଅଞ୍ଚଳ ଦେଶଭକ୍ତିରେ ମାତି ଉଠିଥିଲା।



ସକାଳୁ ସ୍କୁଲ ପରିସରରେ ଜାତୀୟ ପତାକା ଉତ୍ତୋଳନ କରାଯିବା ପରେ ଜାତୀୟ ସଂଗୀତ ଗାନ କରାଯାଇଥିଲା। ସ୍କୁଲର ପ୍ରଧାନ ଶିକ୍ଷକ ଓ ଅତିଥିମାନେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ପରେ ଏକ ବିରାଟ ପ୍ରଭାତ ଫେରିର ଆୟୋଜନ କରାଯାଇଥିଲା। ହାତରେ ତ୍ରିରଙ୍ଗା ଧରି କୁନି କୁନି ଛାତ୍ରଛାତ୍ରୀମାନେ 'ଭାରତ ମାତା କି ଜୟ' ଓ 'ବନ୍ଦେ ମାତରମ' ଧ୍ୱନି ଦେଇ କଷ୍ଟା ବଜାର ପରିକ୍ରମା କରିଥିଲେ। ପ୍ରଭାତ ଫେରି ଦେଖି ସ୍ଥାନୀୟ ଲୋକେ ମଧ୍ୟ ଉତ୍ସାହିତ ହୋଇ ଯୋଗ ଦେଇଥିଲେ। ସ୍କୁଲ ପରିସରରେ ଦେଶଭକ୍ତି ମୂଳକ ଗୀତ, ନୃତ୍ୟ ଓ ନାଟକ ପରିବେଷଣ କରାଯାଇଥିଲା। ଛାତ୍ରଛାତ୍ରୀମାନେ ସ୍ୱାଧୀନତା ସଂଗ୍ରାମୀଙ୍କ ବେଷରେ ଆସି ଉପସ୍ଥିତ ସମସ୍ତଙ୍କୁ ଆକର୍ଷିତ କରିଥିଲେ।ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି, 'ଆଜିର କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ଛୋଟ ପିଲାମାନଙ୍କ ମନରେ ଦେଶପ୍ରେମ ଓ ଜାତୀୟତାର ଭାବନା ସୃଷ୍ଟି କରିବା। ସେମାନେ ହିଁ ଆମ ଦେଶର ଭବିଷ୍ୟତ'। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିଲା। ଅଭିଭାବକ ଓ ଗ୍ରାମବାସୀମାନେ ଏହି ଆୟୋଜନକୁ ପ୍ରଶଂସା କରିଥିଲେ ।

# କୁଚିଣ୍ଡା ରେ ଉପଖଣ୍ଡ ସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳିତ

 କୁଚିଣ୍ଡା,୧୬।୮ :(ମନ୍ଥନ) ସମ୍ବଲପୁର ଜିଲ୍ଲା କୁଚିଣ୍ଡାରେ ଉପଖଣ୍ଡ ସ୍ତରୀୟ ୮୦ ତମ ସ୍ୱାଧୀନତା ଦିବସ ଗରିମା ମୟ ଓ ଉତ୍ସବମୁଖର ପରିବେଶରେ ପାଳିତ ହୋଇଯାଇଛି। ଏହି ଅବସରରେ କୁଚିଣ୍ଡା ଉପଜିଲ୍ଲାପାଳ ତଥା ସବ ଡିଭିଜନାଲ୍ ମାଜିଷ୍ଟ୍ରେଟ୍ ଜାତୀୟ ପତାକା ଉତ୍ତୋଳନ କରିଥିଲେ।ପତାକା ଉତ୍ତୋଳନ ପରେ ଉପଜିଲ୍ଲାପାଳ ଶ୍ରୀ ସରୱନନ୍ ସ ପ୍ୟାରେଡ ର ନିରୀକ୍ଷଣ କରିଥିଲେ। ପରେ ସେ ଉପସ୍ଥିତ ଜନସାଧାରଣଙ୍କୁ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇବା ସହ ନିଜର ଅଭିଭାଷଣ ରଖିଥିଲେ। ଏହାପରେ ଆନୁଷ୍ଠାନିକ ଭାବେ ପ୍ୟାରେଡ ରେ ଅଭିବାଦନ ଗ୍ରହଣ କରିଥିଲେ।ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପକ୍ଷରୁ ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।ସମଗ୍ର କାର୍ଯ୍ୟକ୍ରମ ଦେଶପ୍ରେମ ଓ ଉତ୍ସାହର ଭାବନାରେ ଭରି ରହିଥିଲା।ଏହା ସହିତ କୁଚିଣ୍ଡା ସାମ୍ବାଦିକ ଭବନ ଠାରେ ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସାମ୍ବାଦିକ ସଂଘ ର ସଭାପତି ଦିନେଶ କୁମାର ନନ୍ଦ ଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସଭାପତି ତ୍ରିରଙ୍ଗା ପତାକା ଉତ୍ତୋଳନ କରିବା ପରେ ସମସ୍ତ ସାମ୍ବାଦିକ ଏକା ସାଙ୍ଗରେ ଜାତୀୟ ସଙ୍ଗୀତ ଗାନ କରିଥିଲେ।ଏହା ସହିତ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ନାମରେ ସ୍ଲୋଗାନ ଦିଆଯାଇଥିଲା। ସଭାପତି ଦିନେଶ ନନ୍ଦ ସ୍ୱାଧୀନତା ଦିବସ ବିଷୟରେ ଉଦବୋଧନ ଦେବା ପରେ ସଭା ସାଙ୍ଗ ହୋଇଥିଲା।ଏହି ଅବସରରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏଥିରେ ସାମ୍ବାଦିକ ମନିଷ ତିୱାରୀ,ତପନ ଦାସ,ସଞ୍ଜୟ ମିଶ୍ର,ସୁଧିର ମହାନ୍ତି,ମୁନା ଶର୍ମା, ଦେବେନ୍ଦ୍ର ବେହେରା,ପ୍ରକାଶ ଶର୍ମା,ରିଙ୍କୁ କୁସୁମ,ତନୟ ମହାପାତ୍ର,ଅମୁଲ୍ୟ ମିଶ୍ର,ଲିପୁନ ସାହୁ ପ୍ରମୁଖ ସାମ୍ବାଦିକ ସାମିଲ ହୋଇଥିଲେ



# ଟାଇଁସର ଲୋୟୋଲା ସ୍କୁଲରେ ୮୦ତମ ସ୍ୱାଧୀନତା ଦିବସ ପାଳିତ

କୁଚିଣ୍ଡା,୧୬।୮ :(ମନ୍ଥନ):ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଲୋୟୋଲା ସ୍କୁଲ ଟାଇଁସର ଠାରେ ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସ୍କୁଲ ର ଅଧକ୍ଷ ଫାଦର ସାୱ୍ରି ଏସଜେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥିଲେ।ସେ ପିଲାମାନଙ୍କୁ ଭାରତର ସ୍ୱାଧିନତା ଦିବସ ଅବସରରେ ମହାନ ନେତାଙ୍କ ଝାଳ ଏବଂ ରକ୍ତ ଦ୍ୱାରା କିପରି ଆମଦେଶ ସ୍ୱାଧିନତା ହାସଲ କରିଛି ସେ ବିଷୟରେ ଉଦବୋଧନ ଦେଇଥିଲେ ଏବଂ ସେ କହିଥିଲେ ଯେ, ପାଠ ପଢ଼ି ଶୃଙ୍ଖଳିତ ଦେଶ ଗଠନ ରେ ନିଜକୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ।ସ୍କୁଲ କ୍ୟାମ୍ପସ ପିଲାମାନଙ୍କ ଦେଶପ୍ରେମ ଗୀତରେ ପ୍ରତିଧ୍ୱନିତ ହୋଇଥିଲା।ଏହି ଅବସରରେ ପରେଡ ଏବଂ ଦେଶପ୍ରେମ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା।ଚେତନ ମାଝୀ, ଅଦ୍ୟନ୍ତ କୁମାର ମହାକୁଳ ଏବଂ ବିଶ୍ୱଜିତ ବାରୱା ଯଥାକ୍ରମେ ଇଂରାଜୀ, ହିନ୍ଦୀ ଏବଂ ଓଡ଼ିଆରେ ଉଦବୋଧନ ଦେଇଥିଲେ।ଏହା ସହିତ ଛାତ୍ରଛାତ୍ରୀ ମାନଙ୍କୁ ରାଷ୍ଟ୍ର ପ୍ରତି ସତ୍ୟବାନ ହେବାକୁ ଏବଂ ସଚ୍ଚୋଟ, ପରିଶ୍ରମୀ ଏବଂ ଦାୟିତ୍ୱବାନ ନାଗରିକ ହେବାକୁ ଆହ୍ୱାନ ଦେଇଥିଲେ। ସ୍କୁଲ କ୍ୟାପ୍ଟେନ୍ ଆୟୁଷ ପଟେଲ ସମସ୍ତ ଛାତ୍ରଛାତ୍ରୀଙ୍କୁ ସମ୍ପୂର୍ଣ୍ଣ ସମନ୍ୱିତ ଅଭ୍ୟାସ ପାଇଁ ନେତୃତ୍ୱ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ରୋଶନି ଏକ୍କା ଏବଂ ଅଜୟ ମିଞ୍ଜ୍ ପରିଚାଳନା କରିଥିଲେ। ସିଷ୍ଟର ଆଲିନ୍ ତିର୍କୀ,ସିଷ୍ଟର ନିର୍ମଳା ତିର୍କୀ,ରୋଶନି ଏକ୍କା,ନିରୁପମା ଟେଟେ,ଜ୍ୟୋତ୍ସ୍ନା ସେସ୍,କରିସ୍ମା ଲାକ୍ରା,ପ୍ରିୟଙ୍କା ମାଝୀ,କିରଣ ବାର୍ଲା, ସୁଶ୍ରୀ ଦୀପିକା,ଅଜୟ ମିଞ୍ଜ,ପେଟବାସା ପଟେଲ ଙ୍କ ସମେତ ଅଭିଭାବକ ଏବଂ ଶୁଭେଚ୍ଛୁ ମାନେ ଏହି କାର୍ଯ୍ୟକ୍ରମ ଦେଖିବାକୁ ଉପସ୍ଥିତ ରହିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କୁ ଚକୋଲେଟ୍ ଏବଂ ବିସ୍କୁଟ୍ ବଣ୍ଟନ କରି କାର୍ଯ୍ୟକ୍ରମ ଶେଷ କରିଥିଲେ।

# ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳିତ

ଜଗତସିଂହପୁର,୧୬।୮ :(ମନ୍ଥନ)ଦେଶ ବିଭାଜନରେ ପ୍ରଭାବିତ ଲକ୍ଷ ଲକ୍ଷ ଜନମାନସଙ୍କ ସଂଘର୍ଷ ଓ ବଳିଦାନର ସ୍ମୃତି ଚାରଣ ନିମନ୍ତେ ଆଜି ସନ୍ଧ୍ୟାରେ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଅଛି।ଏହି ଶୋଭାଯାତ୍ରାର ନେତୃତ୍ୱ ଜିଲ୍ଲାପାଳ, ଜଗତସିଂହପୁର ଶ୍ରୀ ଜେ ସୋନାଲ ନେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସମ୍ବିତ କୁମାର ରାଉତ, ଅତିରିକ୍ତ



ଜିଲ୍ଲାପାଳ (ସାଧାରଣ) ଶ୍ରୀ ଜ୍ୟୋତି ଶଙ୍କର ରାୟ , ଅତିରିକ୍ତ ଜିଲ୍ଲାପାଳ (ପାରାଦ୍ୱୀପ) ଶ୍ରୀ ନିରଞ୍ଜନ ବେହେରା, ଉପ-ଜିଲ୍ଲାପାଳ, ଜଗତସିଂହପୁର ଶ୍ରୀ ପ୍ରଶାନ୍ତ କୁମାର ତରାଇ ଯୋଗଦାନ କରିଥିଲେ ।ଅଖଣ୍ଡତା ଓ ଏକାଗ୍ରତା ସହିତ ଆମ ଭାରତମାତାଙ୍କୁ ଶାନ୍ତି ଓ ସୌହାର୍ଦ୍ଦ୍ୟ ପୂର୍ବକ ବିକାଶ କରିବା ଏହି ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ଶୋଭାଯାତ୍ରାର ସମାପ୍ତି ପରେ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ବିଭାଜନ ବିଭୀଷିକା ସ୍ମୃତି ଦିବସ ପ୍ରଦର୍ଶନୀର ଉଦଘାଟନ କରିଥିଲେ । ଉକ୍ତ ପ୍ରଦର୍ଶନୀଟି ଆସନ୍ତା ୭ଦିନ ପର୍ଯ୍ୟନ୍ତ ପ୍ରଦର୍ଶିତ କରାଯିବ। ଏହି ଶୋଭାଯାତ୍ରାରେ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ତଥା ସାଧାରଣ ନାଗରିକ ଉପସ୍ଥିତ ଥିଲେ।

# ଟାଟା ଷ୍ଟିଲ ସେଣ୍ଟ୍ରାଲ ଫିଲ୍ଡ ଗ୍ରାଉଣ୍ଡରେ ସ୍ୱାଧୀନତା ଦିବସ ପାଳିତ

ଯୋଡା,୧୬।୮ :(ମନ୍ଥନ)ଅଗଷ୍ଟ ୧୫ ସ୍ୱାଧୀନତା ଦିବସର ପବିତ୍ର ଅବସରରେ ଟାଟା ଷ୍ଟିଲ ସେଣ୍ଟ୍ରାଲ ଫିଲ୍ଡ ଗ୍ରାଉଣ୍ଡରେ ଏକ ଆକର୍ଷଣୀୟ ଓ ସମାରୋହପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଭିନ୍ନ ଭିନ୍ନ ସ୍କୁଲର ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ସ୍ଥାନୀୟ ଜନସାଧାରଣ ଏବଂ ଟାଟା ଷ୍ଟିଲର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଦେଶଭକ୍ତିର ସହ ସ୍ୱାଧୀନତା ଦିବସ ପାଳନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ମନୋରମ ପରେଡ୍ ଓ ମାର୍ଚ୍ଚ ପାଷ୍ଟ ପ୍ରଦର୍ଶନ କରାଯାଇଥିଲା। ଜାତୀୟ ପତାକାକୁ ସଲାମୀ ଦେବା ସହ କୋମଳମତି ଶିଶୁମାନଙ୍କ ଶୃଙ୍ଖଳିତ ମାର୍ଚ୍ଚ ପାଷ୍ଟ ଏବଂ ଦେଶଭକ୍ତିମୂଳକ ସ୍ଲୋଗାନ ସମଗ୍ର ଗ୍ରାଉଣ୍ଡକୁ ଉତ୍ସବମୁଖର କରିତୋଳିଥିଲା।ବ୍ରହ୍ମା କୁମାରୀ ଜୟନ୍ତୀ ଭଉଣୀଙ୍କ ଉଦ୍‌ବୋଧନ ଓ 'ନଶା ମୁକ୍ତ ଭାରତ ଅଭିଯାନ' ଶପଥ ଗ୍ରହଣ:

କାର୍ଯ୍ୟକ୍ରମର ଶେଷ ଭାଗରେ ପ୍ରଜାପିତା ବ୍ରହ୍ମାକୁମାରୀଜ୍ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଭାରତ ସରକାରଙ୍କ 'ନଶା ମୁକ୍ତ ଭାରତ ଅଭିଯାନ' ଅଧୀନରେ ଏକ ସଂକଳ୍ପ/ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ମଞ୍ଚରୁ ବ୍ରହ୍ମା କୁମାରୀ ଜୟନ୍ତୀ ଭଉଣୀ ଉପସ୍ଥିତ ଜନସମାବେଶକୁ ନଶାମୁକ୍ତି ଓ ସୁସ୍ଥ ସମାଜ ଗଠନ ସମ୍ପର୍କରେ ପ୍ରେରଣାଦାୟୀ ଉଦ୍‌ବୋଧନ ଦେଇଥିଲେ ଏବଂ ତତ୍‌ପଶ୍ଚାତ୍ ସମସ୍ତଙ୍କୁ ନଶାମୁକ୍ତିର ଶପଥ ପାଠ କରାଇଥିଲେ। ଏହି ଅବସରରେ ମଞ୍ଚରେ ବ୍ରହ୍ମା କୁମାରୀ ମଞ୍ଜୁ ଭଉଣୀ, ବ୍ରହ୍ମା କୁମାରୀ କୁନ୍ନୀ ଭଉଣୀ ଏବଂ ସଂସ୍ଥାର ଅନ୍ୟାନ୍ୟ ସଭା ସହଯୋଗୀଗଣ ଉପସ୍ଥିତ ଥିଲେ। ସମସ୍ତ ଭଉଣୀମାନଙ୍କ ନେତୃତ୍ୱରେ ଗ୍ରାଉଣ୍ଡରେ ଉପସ୍ଥିତ ୭୦୦ରୁ ଊର୍ଦ୍ଧ୍ୱ ଅଧିକାରୀ, ଶିକ୍ଷକ, ଛାତ୍ରଛାତ୍ରୀ ଓ ନାଗରିକ ନିଜର ଡାହାଣ ହାତ ବଢ଼ାଇ ନଶାମୁକ୍ତ ରହିବା ପାଇଁ ଦୃଢ଼ ଶପଥ ଗ୍ରହଣ କରିଥିଲେ।ବିକଶିତ ଭାରତ ଗଠନରେ ସହଯୋଗର ସଂକଳ୍ପ:ଶପଥ ଗ୍ରହଣ ସମୟରେ ସମସ୍ତେ ସଂକଳ୍ପ ନେଇଥିଲେ ।'ଆମେ ଶପଥ ନେଉଛୁ ଯେ ନିଜକୁ, ଆମ ପରିବାର ଓ ସମାଜକୁ ସମସ୍ତ ପ୍ରକାର ନଶାରୁ ଦୂରରେ ରଖିବୁ। ଭାରତ ସରକାରଙ୍କ 'ନିଶା ମୁକ୍ତ ଭାରତ' ଏବଂ 'ବିକଶିତ ଭାରତ' ଗଠନର ଅଭିଯାନରେ ଆମର ପୂର୍ଣ୍ଣ ସହଯୋଗ ପ୍ରଦାନ କରିବୁ ଏବଂ ଏକ ସୁସ୍ଥ, ସଶକ୍ତ ଓ ସମୃଦ୍ଧ ଭାରତ ଗଠନରେ ନିଜର ଯୋଗଦାନ ଦେବୁ'ଟାଟା ଷ୍ଟିଲ ପରିଚାଳନା, ସ୍କୁଲ ପ୍ରଶାସନ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ବ୍ରହ୍ମା କୁମାରୀଜ୍ ସଂସ୍ଥା ତରଫରୁ କରାଯାଉଥିବା ଏହି ମହତ ଓ ସମାଜସୁଧାର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ସେମାନେ ପ୍ରକାଶ କରିଥିଲେ ଯେ ଯୁବପିଢ଼ିଙ୍କୁ ନଶାମୁକ୍ତ କରିବା ହିଁ ବିକଶିତ ଭାରତ ଗଠନର ମୁଖ୍ୟ ପଥ। କାର୍ଯ୍ୟକ୍ରମର ଶେଷରେ ସଂସ୍ଥା ତରଫରୁ ଆନୁଷ୍ଠାନିକ ପତ୍ର ଓ ଶପଥ ପତ୍ର ହସ୍ତାନ୍ତର କରାଯାଇଥିଲା।




# ତ୍ରିପାଠୀ ଭବନ ଓ ମା' ତାରିଣୀ ଗ୍ରୁପ୍ ଅଫ କମ୍ପାନୀରେ ୮୦ତମ ସ୍ୱାଧୀନତା ଦିବସ ପାଳିତ

ଯୋଡ଼ା,୧୬।୮ :(ମନ୍ଥନ)ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଭଦ୍ରାସାହି ପଞ୍ଚାୟତରେ ଅବସ୍ଥିତ ତ୍ରିପାଠୀ ଭବନ ସମ୍ମୁଖରେ ଏବଂ ମା' ତାରିଣୀ ଗ୍ରୁପ୍ ଅଫ୍ କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ୮୦ତମ ପବିତ୍ର ସ୍ୱାଧୀନତା ଦିବସ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳିତ ହୋଇଯାଇଛି । ଏହି ଅବସରରେ କମ୍ପାନୀର ଏମ୍.ଡି. ତଥା ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବିଜେପି ନେତା, ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଂଯୋଜକ, କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ତଥା ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ ଜାତୀୟ ପତାକା ତ୍ରିରଙ୍ଗା ଉତ୍ତୋଳନ କରିଥିଲେ । ପତାକା ଉତ୍ତୋଳନ ପରେ ଦେଶାତ୍ମବୋଧକ ସଙ୍ଗୀତ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମା' ତାରିଣୀ ଗ୍ରୁପ୍ ? ଅଫ୍ କମ୍ପାନୀର କର୍ମଚାରୀ ମାନଗୋବିନ୍ଦ ପହି, କୃଷ୍ଣ ଚନ୍ଦ୍ର ମିଶ୍ର, ସୁରେଶ ଚନ୍ଦ୍ର ଦାଶ, ଶାନ୍ତନୁ କୁମାର ମାଝୀ, ଅଭୟ କୁମାର ଦାଶ, ସୁନୀଲ କୁମାର ଦାଶ, ସୁଜିତ କୁମାର ସ୍ୱାଇଁ, ଟଙ୍କଧର ମହାନ୍ତ, ଅପର୍ଣ୍ଣା ସେନଗୁପ୍ତା, ଜସ୍ମିନ, ଖୁସବୁଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ସହଯୋଗ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ତ୍ରିପାଠୀ ନିଜ ଅଭିଭାଷଣରେ ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସ, ସ୍ୱାଧୀନତାର ମହତ୍ତ୍ୱ ଏବଂ ଦେଶ ପାଇଁ ବଳିଦାନ ଦେଇଥିବା ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଦୀର୍ଘ ବର୍ଷର ବିଦେଶୀ ଶାସନ ଓ ଅତ୍ୟାଚାର ବିରୋଧରେ ଭାରତବାସୀ ଏକତ୍ରିତ ହୋଇ ସ୍ୱାଧୀନତାର ଲଢେଇ ଲଢ଼ିଥିଲେ । ଅନେକ ବୀର ଦେଶଭକ୍ତଙ୍କ ତ୍ୟାଗ, ବଳିଦାନ ଓ ସଂଘର୍ଷର ଫଳସ୍ୱରୂପ ଭାରତ ସ୍ୱାଧୀନତା ଲାଭ କରିଥିଲା । ତେଣୁ ସ୍ୱାଧୀନତା ଦିବସ କେବଳ ଏକ ଉତ୍ସବ ନୁହେଁ, ବରଂ ଦେଶପ୍ରତି ଆମର କର୍ତ୍ତବ୍ୟ, ଦାୟିତ୍ୱ ଓ ଦେଶଭକ୍ତିକୁ ସ୍ମରଣ କରାଇବାର ଏକ ପବିତ୍ର ଦିବସ ବୋଲି ସେ ମତବ୍ୟକ୍ତ କରିଥିଲେ । ବିଶେଷକରି ଯୁବପିଢ଼ି ଦେଶର ଗୌରବମୟ ଇତିହାସ, ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ସମ୍ବିଧାନର ମୂଲ୍ୟବୋଧକୁ ଜାଣି ଦେଶର ଉନ୍ନତିରେ ନିଜର ଭୂମିକା ନିଭାଇବା ଆବଶ୍ୟକ ବୋଲି ଶ୍ରୀ ତ୍ରିପାଠୀ ଆହ୍ୱାନ ଦେଇଥିଲେ । ଶେଷରେ ଉପସ୍ଥିତ ସମସ୍ତେ ଜାତୀୟ ଏକତା, ଦେଶର ଅଖଣ୍ଡତା ଓ ଉନ୍ନତି ପାଇଁ ନିଜର କର୍ତ୍ତବ୍ୟ ପାଳନ କରିବାକୁ ସଂକଳ୍ପ ନେଇଥିଲେ । ଦେଶଭକ୍ତିମୟ ପରିବେଶ ମଧ୍ୟରେ ଆୟୋଜିତ ଏହି ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ଉତ୍ସାହର ସହିତ ସମାପ୍ତ ହୋଇଥିବା ଦେଖିବାକୁ ମିଳିଥିଲା ।

ସୋମବାର ୧୭ ଅଗଷ୍ଟ, ୨୦୨୬, ଭୁବନେଶ୍ୱର
August 17, Monday 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ବନ୍ୟା ଜଳରେ ମଣିଷର ସ୍ୱପ୍ନ

ଓଡ଼ିଶା ଆଜି ପୁଣି ଜଳର ଯନ୍ତ୍ରଣାରେ କାନ୍ଦୁଛି । ଆକାଶରୁ ନିରନ୍ତର ବର୍ଷା, ନଦୀରେ ଉଚ୍ଛୁଳା ପାଣି, ଗାଁ ଦାଣ୍ଡରେ ବନ୍ୟାଜଳ, ଘର ଭିତରେ ପାଣି, ରାସ୍ତା ଉପରେ ପାଣି, ଚାଷଜମି ଉପରେ ପାଣି ଏବଂ ମଣିଷର ଆଖିରେ ଅସହାୟତାର ଲୁହ—ଏହା କେବଳ ଏକ ପ୍ରାକୃତିକ ଦୁର୍ଘଟଣାର ଚିତ୍ର ନୁହେଁ, ଏହା ଆମ ସମାଜର ମାନବିକତାକୁ ପରୀକ୍ଷା କରୁଥିବା ଏକ ଭୟଙ୍କର ମୁହୂର୍ତ୍ତ । ଅଗଷ୍ଟ ୧୬ ତାରିଖରେ ଭାରତୀୟ ପାଣିପାଗ ବିଭାଗ ଓଡ଼ିଶା ପାଇଁ ଅତ୍ୟଧିକ ପ୍ରବଳ ବର୍ଷାର ସତର୍କତା ଜାରି କରିଛି । ଉତ୍ତର ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତି ଜଟିଳ ହୋଇଥିବା ବେଳେ ନୂଆ ଘୂର୍ଣ୍ଣିବାତ୍ୟାଜନିତ ନିମ୍ନଚାପ ଅଞ୍ଚଳ ପୁଣି ବର୍ଷାର ଭୟ ବଢ଼ାଇଛି । କେତେକ ଅଞ୍ଚଳରେ ଚବିଶ ଘଣ୍ଟା ମଧ୍ୟରେ ବିଶ ସେଣ୍ଟିମିଟରରୁ ଅଧିକ ବର୍ଷା ହୋଇପାରେ ବୋଲି ସତର୍କ କରାଯାଇଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ଓ ଅନ୍ୟାନ୍ୟ ଅଞ୍ଚଳରେ ବନ୍ୟାର ପ୍ରଭାବ ଜନଜୀବନକୁ ଅସ୍ଥିର କରିଦେଇଛି । ବୈତରଣୀ, ବ୍ରାହ୍ମଣୀ, ସାଳନ୍ଦୀ, ଜଳକା ଓ ବୁଢ଼ାବଳଙ୍ଗ ଭଳି ନଦୀ ଓ ଏହାର ଶାଖାନଦୀଗୁଡ଼ିକର ଜଳସ୍ତର ବଢ଼ିବା ଫଳରେ ଅନେକ ଗାଁ ଜଳବନ୍ଦୀ ହୋଇଛି । ହଜାର ହଜାର ପରିବାର ନିଜ ଘର ଛାଡ଼ି ଆଶ୍ରୟସ୍ଥଳୀକୁ ଯିବାକୁ ବାଧ୍ୟ ହୋଇଛନ୍ତି । ସରକାରୀ ତଥ୍ୟ ଅନୁଯାୟୀ ଅନେକ ଲୋକଙ୍କୁ ଉଦ୍ଧାର କରାଯାଇ ରିଲିଫ କେନ୍ଦ୍ରକୁ ନିଆଯାଇଛି । ହେଲେ ପ୍ରଶ୍ନ ହେଉଛି—ବନ୍ୟା କେବଳ ନଦୀର ଜଳରେ ଆସେ କି ? ନାହିଁ, ବନ୍ୟା ଆସେ ଜଣେ ଚାଷୀର ଆଶା ଉପରେ, ଜଣେ ମାଆର ରୋଷେଇଘର ଉପରେ, ଜଣେ ଶିଶୁର ପାଠପଢ଼ା ଉପରେ, ଜଣେ ବୃଦ୍ଧଙ୍କ ଔଷଧ ଉପରେ, ଜଣେ ଶ୍ରମିକଙ୍କ ଦିନମଜୁରି ଉପରେ ଏବଂ ଜଣେ ଗରିବ ପରିବାରର ସମଗ୍ର ଜୀବନ ଉପରେ । ଯେଉଁ ଚାଷୀ ମାସ ମାସ ଧରି ମାଟିକୁ ନିଜ ରକ୍ତ ଓ ଝାଳରେ ସିଞ୍ଚିଥିଲା, ଯେଉଁ ଧାନ ଗଛକୁ ସେ ନିଜ ସନ୍ତାନ ଭଳି ଲାଳନ କରିଥିଲା, ଆଜି ସେହି ଧାନକ୍ଷେତ ଅନେକ ସ୍ଥାନରେ ପାଣି ତଳେ । ତା'ର ଆଖି ଆଗରେ ମାସମାନର ପରିଶ୍ରମ ବୁଡ଼ିଯାଉଛି । ସେ ଆକାଶକୁ ଚାହିଁ ପଚାରୁଛି—ମୁଁ କ'ଣ ଅପରାଧ କରିଥିଲି ? ପ୍ରକୃତିର ଉପରେ ତା'ର କୌଣସି ରୋଷ ନାହିଁ, କିନ୍ତୁ ତା'ର ଭବିଷ୍ୟତ ପ୍ରତି ଭୟ ଅଛି । ଧାନ ନଷ୍ଟ ହେଲେ କେବଳ ଗୋଟିଏ ଫସଲ ନଷ୍ଟ ହୁଏ ନାହିଁ; ଗୋଟିଏ ପରିବାରର ଋଣ ଶୋଧିବାର ଆଶା ନଷ୍ଟ ହୁଏ, ପିଲାର ପଢ଼ା ଖର୍ଚ୍ଚ ନଷ୍ଟ ହୁଏ, ଝିଅର ବିବାହ ପାଇଁ ରଖାଯାଇଥିବା ସଞ୍ଚୟ ନଷ୍ଟ ହୁଏ, ଆଗାମୀ ଦିନର ଭରସା ନଷ୍ଟ ହୁଏ । ଏହି ବନ୍ୟାଜଳ ଯେତେବେଳେ ଗୋଟିଏ ମାଟିଘର ଭିତରକୁ ପଶେ, ସେତେବେଳେ କେବଳ କାଦୁଅ ଓ ପାଣି ପଶେ ନାହିଁ; ସେଠାରେ ଜଣେ ମାଆର ରୋଷେଇ ସାମଗ୍ରୀ, ଜଣେ ବୃଦ୍ଧଙ୍କ ଔଷଧ, ଜଣେ ଶିଶୁର ବହି, ଜଣେ ଝିଅର ସ୍ୱପ୍ନ ଓ ଜଣେ ପରିବାରର ସ୍ମୃତି ପାଣିରେ ଭାସିଯାଏ । ଆମେ ସହରରେ ବସି ବର୍ଷାକୁ ଜାଲ୍ମି ଦେଇ ଦେଖୁଥାଉ, ଚା'ର କପ୍ ?ରେ ବର୍ଷାର ସୌନ୍ଦର୍ଯ୍ୟ ଖୋଜୁଥାଉ, କିନ୍ତୁ ଗାଁର ମଣିଷ ପାଇଁ ଆଜିର ବର୍ଷା ସୌନ୍ଦର୍ଯ୍ୟ ନୁହେଁ, ଭୟ । ଯେଉଁ ବର୍ଷା ଆମ ପାଇଁ ଶୀତଳତା, ସେହି ବର୍ଷା ତା' ପାଇଁ ଘରଭଙ୍ଗାର ଆଶଙ୍କା । ଯେଉଁ ନଦୀ ଆମ ସଭ୍ୟତାର ଜୀବନଧାରା, ସେହି ନଦୀ ଯେତେବେଳେ ସୀମା ଲଂଘି ଗାଁକୁ ପଶେ, ସେତେବେଳେ ସେହି ଜୀବନଧାରା ମୃତ୍ୟୁଭୟର ରୂପ ନିଏ । ତେଣୁ ଆଜିର ପ୍ରଶ୍ନ କେବଳ ବର୍ଷା କେତେ ହେଲା ତାହା ନୁହେଁ; ପ୍ରଶ୍ନ ହେଉଛି ଆମେ କେତେ ପ୍ରସ୍ତୁତ ଥିଲୁ ? ପ୍ରଶ୍ନ ହେଉଛି ବନ୍ୟା ଆସିଲେ ମଣିଷକୁ କେତେ ଶୀଘ୍ର ଉଦ୍ଧାର କରିପାରୁଛୁ ? ପ୍ରଶ୍ନ ହେଉଛି ଗୋଟିଏ ଗାଁରେ ଜଣେ ବୃଦ୍ଧ ଏକାକୀ ରହିଥିଲେ ତାଙ୍କୁ କିଏ ଖୋଜିବ ? ଗର୍ଭବତୀ ମହିଳାଙ୍କୁ କିଏ ହସ୍ପିଟାଲ ନେବ ? ଶିଶୁଙ୍କ ପାଇଁ ଦୁଧ କେଉଁଠାରୁ ଆସିବ ? ଗୃହପାଳିତ ପଶୁଗୁଡ଼ିକୁ କିଏ ସୁରକ୍ଷିତ କରିବ ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର କେବଳ କାଗଜରେ ଲିଖା ଯୋଜନା ଦେଇ ହେବ ନାହିଁ । ଜଳ ଆସିବା ପୂର୍ବରୁ ପ୍ରସ୍ତୁତି ଦରକାର, ଜଳ ଆସିବା ସମୟରେ ଦ୍ରୁତ କାର୍ଯ୍ୟ ଦରକାର ଏବଂ ଜଳ ହଟିଯିବା ପରେ ମଣିଷକୁ ପୁଣି ନିଜ ପାଦରେ ଠିଆ କରିବାର ସଙ୍କଳ୍ପ ଦରକାର । ଓଡ଼ିଶା ବିପର୍ଯ୍ୟୟ ପରିଚାଳନାରେ ଦେଶରେ ଏକ ଦୃଢ଼ ଉଦାହରଣ ଗଢ଼ିଛି, କିନ୍ତୁ ପ୍ରତ୍ୟେକ ବିପର୍ଯ୍ୟୟ ଆମକୁ ନୂଆ ଶିକ୍ଷା ଦେଇଥାଏ । ପୁରୁଣା ଅନୁଭବ ଉପରେ ଭରସା କରି ନୂଆ ବିପଦକୁ ଅବହେଳା କରିବା ଚାଲିବ ନାହିଁ । ଜଳବାୟୁ ପରିବର୍ତ୍ତନର ଯୁଗରେ ବର୍ଷାର ଚରିତ୍ର ବଦଳୁଛି । କେବେ ଦୀର୍ଘ ସମୟ ଧରି ବର୍ଷା ହେଉନାହିଁ, ଆଉ କେବେ ଅତ୍ୟଳ୍ପ ସମୟରେ ଅସାଧାରଣ ପରିମାଣରେ ବର୍ଷା ହୋଇଯାଉଛି । ଏହି ପରିବର୍ତ୍ତନକୁ ମାନି ନଦୀ, ନାଳା, ଜଳାଶୟ, ରାସ୍ତା, ସହର ଓ ଗାଁର ଯୋଜନାକୁ ପୁନଃବିଚାର କରିବା ଆବଶ୍ୟକ । ନଦୀର ସ୍ୱାଭାବିକ ପ୍ରବାହପଥ ଦଖଲ କରି ଘର ତିଆରି କରିବା, ଜଳାଶୟ ପୋତିଦେବା, ନାଳା ବନ୍ଦ କରିଦେବା ଓ ଅବ୍ୟବସ୍ଥିତ ନିର୍ମାଣକୁ ବିକାଶ ବୋଲି ମାନିନେବା ଆଗାମୀ ଦିନରେ ଆମ ପାଇଁ ଆହୁରି ବଡ଼ ବିପଦ ଆଣିପାରେ । ସହରରେ ଅଳ୍ପ ବର୍ଷା ହେଲେ ରାସ୍ତା ଜଳମଗ୍ନ ହେବା ଏବଂ ଗାଁରେ ନଦୀ ଉଚ୍ଛୁଳିଲେ ଘର ଭାସିଯିବା—ଏହି ଦୁଇଟି ଘଟଣା ଆମକୁ ଏକେ କଥା କହୁଛି: ପ୍ରକୃତିକୁ ଅବହେଳା କରି ବିକାଶ ସମ୍ଭବ ନୁହେଁ । ଆଜି ଯେଉଁ ଶିଶୁଟି ଆଶ୍ରୟକେନ୍ଦ୍ରରେ ବସି ନିଜ ବହି ଖୋଜୁଛି, ତା'ର ଭବିଷ୍ୟତ ଆମ ହାତରେ । ଯେଉଁ ମାଆଟି ନିଜ ଶିଶୁକୁ କୋଳରେ ଧରି ରାତି କାଟୁଛି, ତା'ର ନିରାପତ୍ତା ଆମ ଦାୟିତ୍ୱ । ଯେଉଁ ବୃଦ୍ଧ ନିଜ ଭଙ୍ଗା ଘର ଦ୍ୱାରରେ ବସି ପାଣି ହ୍ରାସକୁ ଅପେକ୍ଷା କରୁଛନ୍ତି, ତାଙ୍କର ଆଖିର ଲୁହକୁ କେବଳ ସହାନୁଭୂତି ଦେଇ ପୋଛାଯିବ ନାହିଁ; ତାଙ୍କୁ ଘର, ଖାଦ୍ୟ, ଔଷଧ ଓ ନୂଆ ଜୀବନ ଦରକାର । ବିପର୍ଯ୍ୟୟ ସମୟରେ ରିଲିଫ କେବଳ ଚାଉଳ, ଡାଲି ଓ ତାରପୋଲିନ ଦେଇ ସମାପ୍ତ ହୋଇଯାଏ ନାହିଁ । ବିପର୍ଯ୍ୟୟ ପରେ ମଣିଷର ମନକୁ ମଧ୍ୟ ସମ୍ଭାଳିବାକୁ ପଡ଼ ? । ଯାହାର ଘର ଭାସିଗଲା, ଯାହାର ଫସଲ ନଷ୍ଟ ହେଲା, ଯାହାର ପଶୁ ମରିଗଲା, ଯାହାର ଜୀବିକା ବନ୍ଦ ହୋଇଗଲା, ସେହି ମଣିଷକୁ କେବଳ ଏକଥର ସହାୟତା ଦେଇ ଛାଡ଼ିଦେଲେ ଚାଲିବ ନାହିଁ । ତାଙ୍କର ପୁନର୍ବାସନ ଦରକାର, ଜୀବିକାର ପୁନର୍ନିର୍ମାଣ ଦରକାର, ଚାଷୀଙ୍କୁ ଫସଲ କ୍ଷତିର ଯଥୋଚିତ ସହାୟତା ଦରକାର, ଛୋଟ ବ୍ୟବସାୟୀଙ୍କୁ ପୁଣି ଦୋକାନ ଖୋଲିବାର ସୁଯୋଗ ଦରକାର, ଶ୍ରମିକଙ୍କୁ ପୁଣି କାମ ଦରକାର । ବନ୍ୟାର ପାଣି ହଟିଯାଏ, କିନ୍ତୁ ବନ୍ୟାର କ୍ଷତ ଅନେକ ମାସ ଓ ବର୍ଷ ପର୍ଯ୍ୟନ୍ତ ରହିଯାଏ । ତେଣୁ ସରକାରୀ ଯନ୍ତ୍ରଣାକୁ ଆଜି ଦୁଇଟି ମୋର୍ଚ୍ଚାରେ ଲଢ଼ିବାକୁ ପଡ଼ିବ—ପ୍ରଥମେ ଜୀବନ ବଞ୍ଚାଇବା, ପରେ ଜୀବନ ଗଢ଼ିବା । ଏହି ସମୟରେ ପ୍ରଶାସନର ପ୍ରତ୍ୟେକ କର୍ମଚାରୀଙ୍କୁ ଲୋକଙ୍କ ମଧ୍ୟରେ ରହିବାକୁ ହେବ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ କରି ଗାଁର ତଳସ୍ତର ପର୍ଯ୍ୟନ୍ତ ସୂଚନାର ଶୃଙ୍ଖଳା ଦ୍ରୁତ ଓ ସ୍ୱଚ୍ଛ ହେବା ଦରକାର । କେଉଁ ଗାଁ ବିପଦରେ, କେଉଁ ରାସ୍ତା ବନ୍ଦ, କେଉଁଠାରେ ଖାଦ୍ୟ ଆବଶ୍ୟକ, କେଉଁଠାରେ ଔଷଧ ଆବଶ୍ୟକ, କେଉଁଠାରେ ଉଦ୍ଧାର ଆବଶ୍ୟକ—ଏହି ସବୁ ତଥ୍ୟ ତୁରନ୍ତ ପହଞ୍ଚିବା ଦରକାର । ଅଫବାହ ଏହି ସମୟରେ ଆଉ ଗୋଟିଏ ବିପଦ । ତେଣୁ ଲୋକଙ୍କୁ ନିର୍ଭରଯୋଗ୍ୟ ସୂଚନା ଦେବା ମଧ୍ୟ ଏକ ପ୍ରମୁଖ ଦାୟିତ୍ୱ । ଲୋକମାନେ ମଧ୍ୟ ସରକାରୀ ସତର୍କତାକୁ ହେଳା କରିବା ଉଚିତ ନୁହେଁ । ନଦୀର ଜଳ ଦେଖିବାକୁ ଯିବା, ବନ୍ୟାଜଳ ମଧ୍ୟରେ ଯାନ ଚଲାଇବା, ଛୋଟ ପିଲାଙ୍କୁ ଜଳ ନିକଟକୁ ଯିବାକୁ ଦେବା, ବିଦ୍ୟୁତ ତାର କିମ୍ବା ଜଳମଗ୍ନ ଅଞ୍ଚଳରେ ଅସାବଧାନତା ଦେଖାଇବା—ଏସବୁ ଜୀବନ ପାଇଁ ଅନାବଶ୍ୟକ ବିପଦ । ପ୍ରକୃତିର ଶକ୍ତି ସମ୍ମୁଖରେ ମଣିଷର ଅହଂକାରର କୌଣସି ମୂଲ୍ୟ ନାହିଁ । ଆଜି ଓଡ଼ିଶାର ଅନେକ ଅଞ୍ଚଳ ଯେଉଁ ଯନ୍ତ୍ରଣା ମଧ୍ୟରେ ଅଛି, ସେଠାରେ ଆମ ସମସ୍ତଙ୍କ ମାନବିକତାର ପରୀକ୍ଷା ହେଉଛି । ସମାଜର ସକ୍ଷମ ଲୋକମାନେ ଆଗକୁ ଆସନ୍ତୁ । ଯାହାର ଘରେ ଅତିରିକ୍ତ ଖାଦ୍ୟ ଅଛି, ସେ ଭୋକିଲାଙ୍କୁ ଦିଅନ୍ତୁ । ଯାହାର ପାଖରେ ପୋଷାକ ଅଛି, ସେ ଆବଶ୍ୟକତାରେ ଥିବା ପରିବାରକୁ ଦିଅନ୍ତୁ । ଯାହାର ସାମର୍ଥ୍ୟ ଅଛି, ସେ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସହଯୋଗ କରନ୍ତୁ । ଓଡ଼ିଶାର ମାଟିରେ ସଙ୍କଟ ସମୟରେ ମଣିଷ ମଣିଷର ହାତ ଧରିବାର ଯେଉଁ ପରମ୍ପରା ଅଛି, ତାହା ଆଜି ପୁଣି ଜାଗ୍ରତ ହେବା ଦରକାର । ଆମେ ଭୁଲିଯିବା ଉଚିତ ନୁହେଁ—ବନ୍ୟା ଜାତି, ଧର୍ମ, ଦଳ, ଧନୀ, ଗରିବ ଦେଖେ ନାହିଁ । ପାଣି ସମସ୍ତଙ୍କ ଘର ଦ୍ୱାରକୁ ପହଞ୍ଚିପାରେ । ତେଣୁ ସହାୟତାରେ ମଧ୍ୟ କୌଣସି ଭେଦଭାବ ରହିବା ଉଚିତ ନୁହେଁ । ଆଜି ରାଜନୀତିର ସମୟ ନୁହେଁ; ଆଜି ମାନବିକତାର ସମୟ । ଆଜି ଦୋଷାରୋପର ସମୟ ନୁହେଁ; ଆଜି ଜୀବନ ବଞ୍ଚାଇବାର ସମୟ । କିନ୍ତୁ ଜଳ ହଟିଯିବା ପରେ ଆମକୁ ନିଶ୍ଚିତ ଭାବେ ପ୍ରଶ୍ନ କରିବାକୁ ହେବ—କେଉଁଠାରେ ତ୍ରୁଟି ହେଲା, କେଉଁଠାରେ ଆମେ ପ୍ରସ୍ତୁତ ନଥିଲୁ, କେଉଁ ନାଳା ବନ୍ଦ ହେଲା, କେଉଁ ଜଳାଶୟ ଦଖଲ ହେଲା, କେଉଁ ନଦୀପଥ ସଙ୍କୁଚିତ ହେଲା, କେଉଁ ରାସ୍ତା ଯୋଗୁଁ ଜଳପ୍ରବାହ ବାଧାପ୍ରାପ୍ତ ହେଲା ଏବଂ ଭବିଷ୍ୟତରେ ଏହି ଦୁଃଖକୁ କିପରି କମାଇହେବ । ବିପର୍ଯ୍ୟୟ ପରେ କେବଳ କ୍ଷତିପୂରଣ ଘୋଷଣା କରିଦେଲେ ଦାୟିତ୍ୱ ସରିଯାଏ ନାହିଁ । କ୍ଷତି କାହିଁକି ହେଲା ତାହା ବୁଝି ଆଗାମୀ ବିପଦକୁ କମାଇବା ହେଉଛି ସତ୍ୟ ଶାସନର ପରିଚୟ । ଆମକୁ ନଦୀକୁ ନଦୀ ଭାବେ ବଞ୍ଚିବାକୁ ଦେବାକୁ ପଡ଼ିବ । ଜଳାଶୟକୁ ଜଳାଶୟ ଭାବେ ସୁରକ୍ଷିତ ରଖିବାକୁ ପଡ଼ିବ । ନାଳାକୁ ଆବର୍ଜନାରେ ଭରିଦେବା ଅଭ୍ୟାସ ଛାଡ଼ିବାକୁ ପଡ଼ିବ । ଗାଁର ପୁରୁଣା ପୋଖରୀ, ଜଳାଶୟ ଓ ପ୍ରାକୃତିକ ଜଳପଥକୁ ପୁନରୁଦ୍ଧାର କରିବାକୁ ପଡ଼ିବ । ବର୍ଷାଜଳକୁ ଶତ୍ରୁ ଭାବିବା ନୁହେଁ, ତାହାକୁ ସଂରକ୍ଷଣ କରିବାର ବ୍ୟବସ୍ଥା କରିବାକୁ ପଡ଼ିବ । ଆଜି ଯେଉଁ ପାଣି ଘର ଭସାଉଛି, ସେହି ପାଣି ଯଦି ଠିକ୍ ? ଭାବେ ସଂରକ୍ଷିତ ହୁଏ, ତେବେ ଆଗାମୀ ଦିନର ଖରାରେ ସେହି ପାଣି ଜୀବନ ଦେଇପାରିବ । ତେଣୁ ବର୍ଷା ଆମର ଶତ୍ରୁ ନୁହେଁ; ଅବ୍ୟବସ୍ଥା ଆମର ଶତ୍ରୁ । ନଦୀ ଆମର ଶତ୍ରୁ ନୁହେଁ; ନଦୀର ପଥକୁ ଅବହେଳା କରିବା ଆମର ଭୁଲ । ପ୍ରକୃତି ଆମକୁ ଶାସ୍ତି ଦେଉନାହିଁ; ପ୍ରକୃତି ଆମକୁ ସତର୍କ କରୁଛି । ଏହି ସତର୍କତାକୁ ବୁଝିବା ହିଁ ଆମର ଦାୟିତ୍ୱ । ଆଜି ଓଡ଼ିଶାର ଆକାଶ ଭାରୀ, ମାଟି ଭିଜା, ନଦୀ ଉଚ୍ଛୁଳା ଏବଂ ଲୋକଙ୍କ ମନ ଭୟରେ ଭରିଛି । କିନ୍ତୁ ଏହି ଅନ୍ଧାର ମଧ୍ୟରେ ଆମେ ଆଶାର ଦୀପ ଜଳାଇପାରିବା ।

# ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କ ଦର୍ଶନ ବିଧି

### ଇଂ. ଶୁଭେନ୍ଦୁ ମୋହନ ସୁବୁଦ୍ଧିରାୟ

ଶ୍ରୀକ୍ଷେତ୍ର ହେଉଛି ଆଦି ଧର୍ମକ୍ଷେତ୍ର, ସର୍ବଶ୍ରେଷ୍ଠ ଉପାସନାସ୍ଥଳୀ ଏବଂ ସର୍ବଦେବଦେବୀଙ୍କର ମୁକ୍ତ ମିଳନ ମଣ୍ଡପ । ମହୋଦଧି ତୀରବର୍ତ୍ତୀ ପୁରୁଷୋତ୍ତମ କ୍ଷେତ୍ର ଓ ବୈତରଣୀ ପାର୍ଶ୍ୱସ୍ଥ ଯଜ୍ଞନଗର ମଧ୍ୟବର୍ତ୍ତୀ ଭୂଖଣ୍ଡରେ ପିତାମହ ବ୍ରହ୍ମା ଚତୁରାୟୁଧ ନିକ୍ଷେପିତ ହୋଇଥିବା ହେତୁ ଏହି ଚଉଷଠି କ୍ରୋଶ ପରିମିତ ଅଞ୍ଚଳରେ ଶଙ୍ଖ ଚକ୍ର, ଗଦା, ପଦ୍ମ ଚାରିଗୋଟି ପ୍ରସିଦ୍ଧ ଧର୍ମକ୍ଷେତ୍ରର ସୃଷ୍ଟି ଘଟିଛି । ବିରାଜ ପୀଠ ଗଦା କ୍ଷେତ୍ର, ଏକାମ୍ର ବା ଭୁବନେଶ୍ୱର ଚକ୍ରକ୍ଷେତ୍ର, କୋଣାର୍କ ପଦ୍ମକ୍ଷେତ୍ର ଓ ଶ୍ରୀକ୍ଷେତ୍ର ଶଙ୍ଖକ୍ଷେତ୍ର ରୂପେ ପ୍ରଖ୍ୟାତ ହୋଇଛି । ଦକ୍ଷିଣାବର୍ତ୍ତ ଶଙ୍ଖ ମଧ୍ୟସ୍ଥ ଆଦିଯୁଗୀୟ ନୀଳମାଧବ ଶ୍ରୀକ୍ଷେତ୍ରରେ ଜଗନ୍ନାଥରୂପେ ବିରାଜମାନ କରିଥିବାରୁ ଏ କ୍ଷେତ୍ରର ମହିମା ବର୍ଣ୍ଣନାତୀତ । 'ବାମଦେବ ସଂହିତା'ରେ ଉଲ୍ଲେଖ ଅଛି – ଚତୁରାୟୁଧଂହି ନିକ୍ଷିପ୍ତଂ ତଦାତୁ ବ୍ରହ୍ମଣାଦଦ୍ଭୁତମ୍ । ପୁରୁଷୋତ୍ତମକେ ଶଙ୍ଖୋ ବିରଜେ ଚ ଗଦାସ୍ତଥା ।। ଏକାମ୍ରକେ ଚକ୍ରମପି କେଣାର୍କେ ପଦ୍ମ ମେ ବହି, ଏତତ୍ କ୍ଷେତ୍ରବରଂ ଦେବି ଯଥା ବ୍ରହ୍ମ ତଥୈବଦତ୍ । ପୂର୍ବାର୍ଦ୍ଧେ ନୀଳରୂପଶ୍ଚ ଜଗନ୍ନାଥ ପରାର୍ଦ୍ଧକେ । କ୍ଷେତ୍ରସ୍ୟ ମହିମାନାୟଂ ବକ୍ତୁଂ କେନାପିଶକ୍ୟତେ ।'

ଶ୍ରୀକ୍ଷେତ୍ର କେବଳ ଶ୍ରୀଜଗନ୍ନାଥ ଓ ଅନ୍ୟାନ୍ୟ ଦେବଦେବୀଙ୍କ ଦର୍ଶନ ନିମନ୍ତେ ସୁବିଖ୍ୟାତ, ତାହା ନୁହେଁ ପୁଣ୍ୟପ୍ରଦ ତୀର୍ଥସ୍ଥାନ ତଥା ମୁଣ୍ଡନ, ତର୍ପଣ ଓ ପିଣ୍ଡଦାନ ଲାଗି ମଧ୍ୟ ପ୍ରସିଦ୍ଧ । 'ବ୍ରହ୍ମପୁରାଣ' ମତରେ, 'ଦ୍ୱୌ ଦେବୌ, ତ୍ରିଣି ତୀର୍ଥାନି ପଞ୍ଚତୀର୍ଥ ଇତିସ୍ମୃତଃ' । ଅର୍ଥାତ, ଜଗନ୍ନାଥ ଓ ବଳଭଦ୍ର ଦୁଇ ଦେବତାଙ୍କ ଦର୍ଶନ ଏବଂ ମାର୍କଣ୍ଡେୟ, ଇନ୍ଦ୍ରଦ୍ୟୁମ୍ନ ଓ ସମୁଦ୍ର ସ୍ନାନକୁ ପଞ୍ଚତୀର୍ଥ କୁହାଯାଉଥିଲା, ପରେ ହଳଧରାଦିଙ୍କ ସ୍ମୃତିଶାସ୍ତ୍ର ପ୍ରକାରେ ମାର୍କଣ୍ଡ ପୋଖରୀ, ଶ୍ୱେତଗଙ୍ଗା ସରୋବର, ରୋହିଣୀକୁଣ୍ଡ, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ଓ ସମୁଦ୍ରସ୍ନାନକୁ ପଞ୍ଚତୀର୍ଥ ରୂପେ ଧରାଗଲା । ଯଥା – 'ମାର୍କଣ୍ଡେୟାବଟେଦ୍ଧକୃଷ୍ଣେ ରୋହିଣ୍ୟାଂ ମହୋର୍ଦଧୌ, ଇନ୍ଦ୍ରଦ୍ୟୁମ୍ନ ସରେଃ ସ୍ନାତ୍ୱା ପୁନର୍ଜନ୍ମ ନ ବିଦ୍ୟତେ ।'

ପାରମ୍ପରିକ ବିଧାନ ଅନୁସାରେ ତୀର୍ଥାଟନକାରୀ ଭକ୍ତଗଣ ପ୍ରଥମେ ପଞ୍ଚତୀର୍ଥ ବ୍ରତ ପାଳନ ଲାଗି ସଂକଳ୍ପ କଲାପରେ ମାର୍କଣ୍ଡ ପୋଖରୀରେ ଆଚମନ ସାରି ମାର୍କଣ୍ଡେଶ୍ୱରଙ୍କ ଅନୁମତି ଯାଚାଞ୍ଜା କରିବେ ଓ ତତ୍ପରେ ବେଦୋକ୍ତ ପଞ୍ଚବରୁଣ ମନ୍ତ୍ରରେ ସ୍ନାନ କରିବେ । ଧୌତବସ୍ତ୍ର ପରିଧାନ ଓ ତିଳକ ଧାରଣ ପରେ ଯଥାକ୍ରମେ ମାର୍କଣ୍ଡେଶ୍ୱର, ଅକ୍ଷୟବଟ ଓ ତା ମୂଳରେ ଜନାର୍ଦ୍ଦନଙ୍କୁ ଦର୍ଶନ, ପ୍ରଣାମ ଓ ପ୍ରଦକ୍ଷିଣ କରିସାରି ଶ୍ରୀମନ୍ଦିରକୁ ଦର୍ଶନ ସକାଶେ ଯିବା ବିଧିସମ୍ମତ । ସର୍ବପାପହର ମାର୍କଣ୍ଡେଶ୍ୱରଙ୍କ ଦର୍ଶନରେ ଦଶ ଅଶ୍ୱମେଧ ଯଜ୍ଞଫଳ ପ୍ରାପ୍ତହୁଏ ବୋଲି ଶୋସ୍ତୋକ୍ତି ରହିଛି ।

ମୁକ୍ତିକାମୀ ଭକ୍ତଜନ ସାଧାରଣତଃ ପଦଧୌତ କଲାପରେ ମୁଖ୍ୟଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିଥାନ୍ତି । ବିଶ୍ୱାସ ରହିଛି ଯେ ଏହି ଦ୍ୱାରରେ ଥିବା ୨୨ଟି ପାହାଚ ଆରୋହଣ କରିବା ଦ୍ୱାରା ମନୁଷ୍ୟର ୨୨ଟି ପାପ ବା ଦାନବ ପ୍ରକୃତି – ଦୋଷ ଖଣ୍ଡନ ହୋଇଥାଏ । ଏହି ଦୋଷଗୁଡ଼ିକ ହେଉଛି – ଜୀବହତ୍ୟା, ଭ୍ରୁଣହତ୍ୟା, ସ୍ତ୍ରୀହତ୍ୟା, ଶିଶୁହତ୍ୟା, କୁଳଟା, ଲମ୍ପଟ, ଚୋରି, ମିଥ୍ୟାବଚନ, ଖଳ ପ୍ରକୃତି, ପରନିନ୍ଦା, କର୍ମଦ୍ରୋହ, ଧର୍ମଦ୍ରୋହ, ଦେବଦ୍ରୋହ, ରାଜଦ୍ରୋହ, ଦ୍ୱିଜଦ୍ରୋହ, ଦେଶଦ୍ରୋହ, ଗୁରୁଦ୍ରୋହ, ଜନଦ୍ରୋହ, ପିତୃଦ୍ରୋହ, ମାତୃଦ୍ରୋହ, ଅଖାଦ୍ୟ ଭକ୍ଷଣ ଓ କୁତସ୍ଥାରଚନାଦି ଅଭିଶପ୍ତ କର୍ମ । ତତପରେ ଦକ୍ଷିଣାଭିମୁଖରେ ଯାଇ ନୀଳଚକ୍ରକୁ ପ୍ରାର୍ଥନା କରିଥାନ୍ତି । ଏହାପରେ କଳ୍ପବଟ ନିକଟସ୍ଥ ମୁକ୍ତେଶ୍ୱରଙ୍କ ଦର୍ଶନ, ବଟ ପରିକ୍ରମା, ବଟଗଣେଶ, ସର୍ବମଙ୍ଗଳା, ମୁକ୍ତିମଣ୍ଡପ, ନୃସିଂହ, ବିମଳା, କମଳା, ଲକ୍ଷ୍ମୀ, ସରସ୍ୱତୀ ଓ ଗରୁଡ଼ଙ୍କୁ ବିନମ୍ର ପ୍ରଣାମ ଜଣାଇଲା ପରେ ସିଂହାସନ ନିକଟସ୍ଥ ଜୟ ବିଜୟ ଓ ଭୈରବଙ୍କ ଦର୍ଶନ କରି ଜଗନ୍ନାଥଙ୍କୁ ଚାହିଁ ଯୋଡ଼ ହସ୍ତରେ ପ୍ରାର୍ଥନା କରିଥାନ୍ତି – 'ଜୟକୃଷ୍ଣ ଜଗନ୍ନାଥ ଜଗଦାନନ୍ଦ କାରକ, ରାବଣାରେଦ୍ଧପି କଂସାରେ ଜୟ ସଂସାର ତାରକ ।'

ଶ୍ରୀମନ୍ଦିର ପରେ ଶ୍ୱେତଗଙ୍ଗାରେ ବିଧିପୂର୍ବକ ସ୍ନାନ ସାରି ଶ୍ୱେତମାଧବଙ୍କ ଦର୍ଶନ ପରେ ସମୁଦ୍ର ସ୍ନାନ କରିବା ବିଧିସମ୍ମତ । ଜଳରେ ହସ୍ତପଦ ଶୌଚ ହୋଇ ତୀର୍ଥରାଜ ରତ୍ନାକରଙ୍କୁ ପ୍ରାର୍ଥନା, ପ୍ରାଣାୟାମ ଓ ଆବାହନ କଲାପରେ ତ୍ରିବାର ବୁଡ଼ି ସ୍ନାନ କରିବ ଏବଂ ସ୍ନାନାନ୍ତେ ପିତୃ ଓ ଦେବଗଣଙ୍କୁ ଉତ୍ତର ମୁଖ ହୋଇ ତର୍ପଣ କରିବ । ସେଠାରୁ ଯାଇ ଚକ୍ରତୀର୍ଥ, ବେଢ଼ି ହନୁମାନ ଓ ଲୋକନାଥଙ୍କୁ ଦର୍ଶନ କଲାପରେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ତ୍ରିବାର ମସ୍ତକ ବୁଡ଼ାଇ ସ୍ନାନ କରି ବିଷ୍ଣୁ ଗାୟତ୍ରୀ ଜପ କରିବା ଓ ନିକଟବର୍ତ୍ତୀ ନୀଳକଣ୍ଠଙ୍କ ଦର୍ଶନ ପରେ ଗୁଣ୍ଡିଚା ମନ୍ଦିର ପାର୍ଶ୍ୱବର୍ତ୍ତୀ ନୃସିଂହନାଥଙ୍କ ଦର୍ଶନ ଓ ଅଥର୍ବଣ ମନ୍ତ୍ରରେ ପୂଜାର୍ଚ୍ଚନା କରିବା ବିଧେୟ । ବିଶେଷତଃ, ଗୁଣ୍ଡିଚା, ଘରେ ଶ୍ରୀଜୀଉମାନଙ୍କ ଅବସ୍ଥାନ କାଳରେ ଆଷାଢ଼ ଶୁକ୍ଳ ପଞ୍ଚମୀ ଦିନ ମୁଣ୍ଡନପୂର୍ବକ ଇନ୍ଦ୍ରଦ୍ୟୁମ୍ନରେ ସ୍ନାନ, ତର୍ପଣ ଓ ପିଣ୍ଡଦାନ କରି ତ୍ରିମୂର୍ତ୍ତିଙ୍କ ଦର୍ଶନ କଲେ ଶତଗୟା ଶ୍ରାଦ୍ଧ ଫଳ ମିଳେ ଓ ବୈକୁଣ୍ଠ ପ୍ରାପ୍ତି ହୁଏ । ଗୁଣ୍ଡିଚା ମନ୍ଦିରରେ ସପ୍ତାହବ୍ୟାପି ଦର୍ଶନ ଦ୍ୱାରା ଅଶ୍ୱମେଧ ଯଜ୍ଞ ଫଳ ଓ ସର୍ବତୀର୍ଥଯାତ୍ରା ଫଳ ମିଳିଥାଏ ବୋଲି ପ୍ରାଚୀନ ବିଶ୍ୱାସ ରହିଛି ।

ବାହୁଡ଼ା ଯାତ୍ରା ପରେ ନୀଳାଦ୍ରି ବିଜେ ପୂର୍ବରୁ ରଥ ଉପରେ ତ୍ରିମୂର୍ତ୍ତିଙ୍କ ଦର୍ଶନ ଅବସରରେ ତାଙ୍କୁ ଭକ୍ତି ଗଦଗଦ ଭାବରେ କୋଳାଗ୍ରତ କରାଯାଇଥାଏ । ସେ ସମୟରେ ଶ୍ରୀଅଙ୍ଗରେ ପାଦ ନ ବାଜିବା, ମୁଖରୁ ଛେପ ନପଡ଼ିବା, ଜୀଉ ମାନଙ୍କ ଚକ୍ଷୁଡ଼ୋଳାରେ କର ସ୍ପର୍ଶ ନହେବା ଦିଗରେ ଦର୍ଶନକାରୀ ସଚେତନ ହେବା କର୍ତ୍ତବ୍ୟ । ସେହି ଦର୍ଶନ ବେଳେ ଗୋଟିଏ ରଥରୁ ଅନ୍ୟରଥକୁ ଗୋଡ଼ ବଢ଼ାଇ ଯିବା ମଧ୍ୟ ନୀତିବିରୁଦ୍ଧ କର୍ମ ରୂପେ ଗୃହୀତ, ଭୂମିରୁ ସିଡ଼ି ଦେଇ ତ୍ରିବାର ତିନିରଥକୁ ଯାଇ ରଥାରୂଢ଼ ଜୀଉମାନଙ୍କୁ ଅତି ନିକଟରୁ ଅଙ୍ଗସ୍ପର୍ଶପୂର୍ବକ ଦର୍ଶନ କରଣୀୟ । 'ରଥାରୁମୋ ଗଚ୍ଛନପଥି ମିଳିତ ଭୂଦେବ ପଟଳୈଃ.. ଜଗନ୍ନାଥଃସ୍ୱାମୀ ନୟନ ପଥଗାମୀ ଭବତୁମେ ।'

ସମସ୍ତ ଦିଗରୁ ବିଚାର କଲେ, ଶ୍ରୀଜଗନ୍ନାଥ ଧର୍ମର ଶ୍ରେଷ୍ଠତା ଦିବାଲୋକ ତୁଲ୍ୟ ସ୍ପଷ୍ଟ ପ୍ରତିଭାତ ହୁଏ । ଦୟା, କ୍ଷମା ଓ ତ୍ୟାଗ, ଶାନ୍ତି, ଅହିଂସା ଓ ସହଯୋଗ, ସେବା, ସଦଭାବନା ଓ ପ୍ରେମ, ସଂଯମ, ଶୃଙ୍ଖଳା ଓ ଶୁଦ୍ଧତା ପ୍ରଭୃତି ଜୈନ, ବୌଦ୍ଧ, ଖ୍ରୀଷ୍ଟିଆନ ଓ ଇସଲାମ ଧର୍ମର ଯାହା ମୌଳିକ ଆଦର୍ଶ ରୂପେ ଗୃହୀତ, ଶ୍ରୀଜଗନ୍ନାଥ ଧର୍ମରେ ତାର ସମାହାର ଘଟିଛି । ତ୍ରେତୟା ଯୁଗୀୟ ରାମଚନ୍ଦ୍ରଙ୍କ ସତ୍ୟନିଷ୍ଠା ଓ ନ୍ୟାୟ ପ୍ରତିଷ୍ଠା, ଦ୍ୱାପର ଯୁଗୀୟ ଗୋପ ଓ ଦ୍ୱାରକାରେ ପ୍ରକଟିତ ମାଧୁର୍ଯ୍ୟ, ଐଶ୍ୱର୍ଯ୍ୟ ଓ ଗାମ୍ଭୀର୍ଯ୍ୟ ସ୍ୱଭାବ ଏବଂ କଳିକାଳରେ 'ବସୁଧୈବ କୁଟୁମ୍ବକମ୍' ଭଳି ଅଦ୍ୱିତୀୟ ଔଦାର୍ଯ୍ୟ ଭାବର ଉତ୍ସ ରୂପେ ସେ ଉପାସ୍ୟ । ଆଜି ଉତ୍କୃଷ୍ଟ ମାନବତାବାଦର ଆଦର୍ଶ ଭାବେ ଶ୍ରୀଜଗନ୍ନାଥ ଏକାଧାରରେ ପିତା, ସଖା, ଭ୍ରାତା, ବନ୍ଧୁଭାବରେ ସର୍ବଧର୍ମ ସମନ୍ୱୟ ଚେତନାର ପ୍ରତୀକ । ସତ୍ୟ, ଶିବ, ସୁନ୍ଦରର ମୂର୍ତ୍ତିମନ୍ତ ବିଗ୍ରହରୂପୀ ତ୍ରିମୂର୍ତ୍ତି ହେଉଛନ୍ତି ପ୍ରକୃତି ଜଗତର ନିୟାମକ, ବିଜ୍ଞାନର ସଂବାହକ, ପ୍ରାଣୀ ସମୂହଙ୍କର ପରିପାଳକ ତଥା ସୃଷ୍ଟିର ସଂରକ୍ଷକ ରୂପେ ଅଲୌକିକ ଆଧିଦୈବିକ ଶକ୍ତିର ଆଦି ଉତ୍ସ ଓ ଶ୍ରେଷ୍ଠ ଆଧାର ।

ମୁଣ୍ଡକୋପନିଷଦ, ଶ୍ୱେତାଶ୍ୱେତୋପନିଷଦ, କଠୋପନିଷଦ ଆଦିର ବର୍ଣ୍ଣନା ପ୍ରକାରେ ବ୍ରହ୍ମ ହିଁ ଭଗବାନ । ସେ ନିର୍ଲିପ୍ତ, ଗୁଣାତୀତ, ଷଡେଶ୍ୱର୍ଯ୍ୟପୂର୍ଣ୍ଣ । ଜୀବଜଗତ, ମନବୁଦ୍ଧି, ଭକ୍ତି ବୈରାଗ୍ୟ ସବୁ ତାଙ୍କର ଐଶ୍ୱର୍ଯ୍ୟ । ସେ ହିଁ ପୁରୁଷୋତ୍ତମ, ପରଂବ୍ରହ୍ମ, ସେ ହିଁ ବିରାଟ ପୁରୁଷ । ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି, ବାୟୁ, ଜନ୍ମ ମୃତ୍ୟୁ ସମସ୍ତଙ୍କର ନିୟନ୍ତା । 'ଅଗ୍ନିର୍ମୂର୍ଧା ଚକ୍ଷୁଷୀ ଚନ୍ଦ୍ରସୂର୍ଯ୍ୟୌ, ଦିଶଃ ଶ୍ରୋତ୍ରେ ବାଗ୍ ବିମୃତାଶ୍ଚ ବେଦାଃ । ବାୟୁଃ ପ୍ରାଣୋ ହୃଦୟଂ ବିଶ୍ୱମସ୍ୟ, ପଦ୍ଭ୍ୟାଂ ପୃଥିବୀହ୍ୟେଷ ସର୍ବଭୂତାନ୍ତରାତ୍ମା । ତସ୍ମାଦଗ୍ନିଃ ସମିଧୋ ଯସ୍ୟ ସୂର୍ଯ୍ୟଃ, ସୋମାତ ପର୍ଜନ୍ୟ ଔଷଧୟଃ ପୃଥିବ୍ୟାମ୍ । ପୁମାନ୍ ରେତଃ ସିଞ୍ଚତି ଯୋଷିତାୟାଂ, ବହ୍ମିଃ ପ୍ରଜାଃ ପୁରୁଷାତ୍ ସଂପ୍ରସୂତାଃ ।'

ଅର୍ଥାତ୍ ତାଙ୍କ ମସ୍ତକ ଅଗ୍ନିର ଦ୍ୟୋତକ, ଚକ୍ଷୁଦ୍ୱୟ ସୂର୍ଯ୍ୟଚନ୍ଦ୍ରଙ୍କ ପ୍ରତୀକ, ତାଙ୍କ ସ୍ୱର ବେଦର ଓଁକାର, ନିଶ୍ୱାସ ବାୟୁର ପ୍ରବାହ, ହୃଦୟ ବିଶ୍ୱବ୍ରହ୍ମାଣ୍ଡର ସ୍ୱରୂପ, ପାଦପଦ୍ମରୁ ପୃଥିବୀର ଉଦଭବ । ଗ୍ରୀଷ୍ମ, ବର୍ଷା, ବାତ୍ୟା, ପୃଥିବୀ, ଆକାଶ, ଅନଳ ସବୁର ସେ କାରଣ । ସେହିଁ ପୁରୁଷର ବୀର୍ଯ୍ୟ, ନାରୀର ପ୍ରଜନନ ଶକ୍ତି । ସେ ସର୍ବଭୂତର ହେତୁ, ସର୍ବ ଶକ୍ତିମାନ । ଏଣୁ ଯୁଗେ ଯୁଗେ ମର୍ତ୍ତ୍ୟର ଅମରାବତୀ ରୂପେ ସ୍ୱୀକୃତ ଶ୍ରୀକ୍ଷେତ୍ର ସମ୍ବନ୍ଧରେ କୁହାଯାଏ – 'ସର୍ବଂରହସ୍ୟଂ ପୁରୁଷୋତ୍ତମସ୍ୟ, ଦେବୋ ନ ଜାନାତି କୁତଃ ମନୁଷ୍ୟାଃ ।'

ଲିଙ୍ଗାପଡ଼ା, ଧବଳେଶ୍ୱର, କଟକ, ଦୂରଭାଷ : ୯୭୭୮୪୪୯୧୧୯
ର-ଙ୍କବସକ୍ଷ : ଶ୍ୱଙ୍କଙ୍ଗଙ୍କଵଚ୍ଛ୧୩୨ଲଙ୍ଗଅଶଙ୍କବସକ୍ଷ.ମକ୍ଟଙ୍କ

# ଆମ କ୍ଷୁଦ୍ର ବାଡ଼ି ଜମିରେ ପରିବା ଶାଗ ଆଦି ଚାଷ

### ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଆଜିକାଲି ଆମ ଜଗତସିଂହପୁର ଉପକଣ୍ଠ ଗ୍ରାମ ମାନଙ୍କରେ ଲୋକଙ୍କୁ ଫସଲ ନଷ୍ଟକାରୀ ମାଙ୍କଡ଼ ଷଣ୍ଢଙ୍କ ଉତ୍ପାତ ବହୁ ବାଧିବାରୁ ବାଡ଼ିଘର ମାନଙ୍କରେ ଆଉ ପନିପରିବାର ଚାଷ ପ୍ରତି ମନ ଦେଉନାହାନ୍ତି । ଅନେଶତ ବାତ୍ୟା ମହାବାତ୍ୟା ନଡ଼ିଆ, ଆମ୍ବ, ପଣସ, ଓଉ, ଆତ, ନେହୁଆ ପରି ବହୁ ଫଳ ଗଛ ନଷ୍ଟ ହୋଇଗଲା, ବହୁତ ଚାଳ ଘର ନଷ୍ଟ ହୋଇଯିବାରୁ ଚାଳଘର ଉପରେ ମାଡ଼ି ଫଳଶୀଳ, ଲାଉ, କଖାରୁ, ପାଣିକଖାରୁ, ଲଟାପୋଇ, ଶିମ୍ବ ଆଦି ଫସଲ ଦୁର୍ଲଭ ହୋଇଗଲା । ବାଡ଼ି ବଗିଚାରେ ଯେଉଁ ସବୁ ପରିବା ଚାଷ ଅନେକ କଷ୍ଟ ଯତ୍ନରେ ହେଉଥିବା ବାଇଗଣ, ଲଙ୍କା, ଭେଣ୍ଡି, ଆଳୁ, ସାରୁ, ମାଟିଆଳୁ, ବୁଦୀ, ପୋଇ ମାଟିରେ ମାଡ଼ିବା କଖାରୁ, ଫୁଟି ତରଭୁଜ, ଭାଡ଼ିରେ ମାଡ଼ିବା ପୋଇ, କାକୁଡ଼ି, କୁନ୍ଦୁରି, କାଙ୍କଣ, ଝୁଡ଼ଙ୍ଗ, ଶିମ୍ବ, ଛଚିନ୍ଦ୍ରା, ଲାଉ କଖାରୁ ଆଉ ବିଭିନ୍ନ ପ୍ରକାର ଶାଗରେ ଖଡ଼ା, କୋଶଳା, ଲେଉଟିଆ, ବଥୁଆ,  କଳମ୍ବ, ପୋଦିନା ଏତେ ରକମର ପରିବା ଶାଗ ଆମ ଗ୍ରାମରେ ହେଉଥିଲା । ବିଶେଷ କରି ଆମ ଜଗତସିଂହପୁରରେ ଥିବା ସୋମନାଥ ହାଟରେ ପ୍ରତି ମଙ୍ଗଳବାର ଓ ଶନିବାର ଉକ୍ତ ପରିବା ମାନ ବିଶେଷ ଉପଲବ୍ଧ ହେଉଥିଲା । କାଗେଜୀ, ଟଭା ଲେମ୍ବୁ, ଓଉ, ଆମ୍ବେଡ଼ା, ଆମ୍ବ ପ୍ରାୟ ଅନେକଙ୍କ ବାଡ଼ିରେ ହେଉଥିଲା ଏଥିରେ ଉତ୍ତମ ଖଟା ଆଚାର ଅନେକଙ୍କ ଘରେ ବ୍ୟବହୃତ ଏବେ ବି ହେଉଛି ।

ଏପରି ସମୟ ଆସିଛି ଲେକେ କର୍ମବିମୁଖ ପୁଣି ମାଙ୍କଡ଼ ଷଣ୍ଢଙ୍କ ଉତ୍ପାତ ସବୁ ତଛ ନଛ କରିଦେଉଥିବାରୁ ଲୋକେ ଏସବୁ ପ୍ରତିବିମୁଖ । ସରଳରେ ଲୋକେ କିଣିଖିଆ ହୋଇଗଲେଣି । ଗ୍ରାମରେ ଗୋରୁ ଗାଈ ଦୁର୍ଲଭ । ଗୋରୁ ଚରାଇବା ଏବେ ପୁଣି ଜଟିଳ ପରିସ୍ଥିତି, ଗୋଚର ଭୂମି ନାହିଁ, ପଡ଼ିଆ ନାହିଁ, ଧାନର ବୁଣା କିଆରୀ ଆଉ ନାହିଁ ସର୍ବତ୍ର ରୁଆ ଧାନ, ବୁଣାଧାନରେ ବୁଆଓ ନାଳୀ ଘାସ ଯାହା ଗୋରୁମାନେ କ୍ଷେତ୍ରରେ ପଶି ଚର୍ବର କଲେ ଧାନ ପିଲ ଭଲ ହେଉଥିଲା ଓ ଘାସ କମିଯାଉଥିଲା । ପରେ ବେହୁଷଣ ବେଳେ ଘାସ ମୂଳ ନଷ୍ଟ ହୋଇ କାଦୁଅରେ ଶଢ଼ି ସବୁଜ ସାର ଧାନ ଗଛ ପାଇଁ ହେଉଥିଲା । ଗୋରୁଗାଈଙ୍କ ଗୋବର ମୁତ୍ର ପ୍ରତ୍ୟକ୍ଷକୁ ଗୋବରରୁ ଜାଳେଣି ଘଷିରୁ ପାଉଁଶର ଖତ ଧାନବିଲକୁ ଉର୍ବର କରୁଥିଲା । ବଳଦ ଦ୍ୱାରା ଚାଷର ସବୁ କାମ ହେଉଥିଲା । ଧାନର ନଡ଼ା, ମୁଗ, ବିରିର ବୋତି, ଚୋପା ଗୋଖାଦ୍ୟରେ ଲାଗୁଥିଲା । କିନ୍ତୁ ଏପରି ସମୟ ଏସବୁ ନିଶ୍ଚିନ୍ନ ଅଭାବକୁ ଚାଷର ଢ଼ଙ୍ଗ ବଦଳିଯିବାକୁ ଏପରି ପଶୁ ପାଳନରେ ବହୁ ସମସ୍ୟା ଯୋଗୁ ଲୋକେ ଚିନ୍ତା ବଦଳାଇ ଦେଉଛନ୍ତି । ନୂଆ ନୂଆ ଚାଷ ପ୍ରଣାଳୀର ମଞ୍ଜି ବିହନ ଉପଲବ୍ଧ ହେଲାଣି ।

ପାରମ୍ପରିକ ବିହନ ବୁଡ଼ା ପରିସ୍ଥିତି କୃଷକଙ୍କ ଉପରେ ଲଦାଗଲାଣି । ଲଳିତା ଚାଷ ଧାନ କ୍ଷେତ୍ରରେ ଧାନ ରୁଆ ପର୍ବରୁ ଉଠି ସାରିଥାଏ । ଲଳିତା ପତ୍ର ଧାନ କ୍ଷେତ୍ର ଉତ୍କୃଷ୍ଟ ସବୁଜ ସାର ରୂପେ କାମ କରୁଥିଲା । ଲଳିତାରୁ ଝୋଟ ଯାହା ଚାଷୀଙ୍କ ଏକ ଅର୍ଥଦ ଫସଲ ବସ୍ତୁ ଥିଲା । ଧାନ ବିଲ ଗୁଡ଼ିକର ହିଡ଼ରେ ଧନିଚା ଗଛ ହେଉଥିଲା ଯାହାର ପତ୍ର ସବୁଜ ସାର ତାହା ବି ନାହିଁ । ଧାନ ବିଲରେ ଚୁନା ମାଛ ବର୍ଷା ଦିନରେ ବହୁତ ହେଉଥିଲେ ଲୋକେ ହିଡ଼ରେ ଅନ୍ଧୁଲି ବସାଇ ଧରୁଥିଲେ । ବହୁ ଚୁନା ମାଛ ଶୁଖୁଆ ଲୋକେ କାର୍ତ୍ତିକ ମାସରେ କରୁଥିଲେ । ତାହା ବି ଏବେ ବି ବିରଳ । ଧନକୁଟା ଢ଼ିଙ୍କି ଘରେ ଘରେ ଥିଲା ଏହା ଏବେ ବିରଳ । ଗ୍ରାମରେ ହଳର ବସି ଧାନକୁଟା ଢ଼ିଙ୍କି ବିକଳ୍ପରେ କରାଯାଉଥିଲା, ଧାନ ଉଷୁଆଁ ପାଇଁ ଜାଳଅଭାବ କାହାରି ଅମାର ନାହିଁ, ଛାଣ ଗଦା ନାହିଁ, ଲୋକେ ଧାନ ବିକ୍ରି କରିସେଲର କୁଟା ଚାଉଳକିଣି ଖାଇଲେଣି । ସବୁଆଡ଼େ ନାହିଁର ଉପସ୍ଥିତି ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

# ସ୍ୱାଧୀନତାର ଉପଲବ୍ଧି

### ଯୁଧିଷ୍ଠିର ମହାରଣା

ଦୀର୍ଘ ପାଞ୍ଚଶହ ବର୍ଷ ଧରି ଗୋଲାମି ଶାସନ କବଳରେ ପେଷି ହୋଇ ରହିବା ପରେ ଯେଉଁ କଷ୍ଟଲବ୍ଧ ସ୍ୱାଧୀନତା ଏ ଦେଶବାସୀ ହାସଲ କରିଛନ୍ତି, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନବାଚୀ !! ଏହି ଅବସରରେ ସ୍ୱାଧୀନତା ସ୍ମୃତିଚାରଣ କରିବା ଉଦ୍ଦେଶ୍ୟରେ ଦେଶବ୍ୟାପୀ ଉତ୍ସବ, ସମାରୋହମାନ ଅନୁଷ୍ଠିତ ହେଉଛି । ସରକାରୀ ବେସରକାରୀ ତଥା ସର୍ବସାଧାରଣ ଅନୁଷ୍ଠାନ, ସମସ୍ତେ ଏହି ଉତ୍ସବରେ ସାମିଲ ହେଉଛନ୍ତି ଏବଂ ସ୍ୱାଧୀନ ଦେଶର ନାଗରିକ ଭାବେ ଆନନ୍ଦ ଅନୁଭବ କରି ପ୍ରଫୁଲ୍ଲିତ ହେଉଛନ୍ତି । ସ୍ୱାଧୀନତା ଓ ପରାଧୀନତାର ଲାଭ ଓ କ୍ଷତି ବିଷୟରେ ଆଜିର ଭାରତବର୍ଷର ଶିକ୍ଷିତ ନାଗରିକମାନଙ୍କୁ କିଛି ବୁଝାଇ କହିବାର ପ୍ରୟୋଜନ ନାହିଁ । ସମଗ୍ର ବିଶ୍ୱର ପ୍ରେକ୍ଷାପଟକୁ ତଥା ବିଭିନ୍ନ ଦେଶର ଶାସନ ବ୍ୟବସ୍ଥାକୁ ଅନୁଶୀଳନ କରି ଗଣତାନ୍ତ୍ରିକ ବ୍ୟବସ୍ଥା ଯେ ସର୍ବୋତ୍କୃଷ୍ଟ ପନ୍ଥା, ଏକଥା ମଧ୍ୟ ଜୋର ଦେଇ କହିବାର ଆବଶ୍ୟକତା ନାହିଁ । ତେବେ ଏତିକି କହିବାର ନାଗରିକ ଭାବେ ଆମେ ଯେଉଁ ପରିମାଣରେ ସଫଳତା, ସୁଯୋଗ ଓ ଅଧିକାର ପାଇବା କଥା ତାହା ଯଥାର୍ଥରେ ପାଇଛୁ କି, ଯଦି ନୁହେଁ ତାହେଲେ ଏ କ୍ଷେତ୍ରରେ କ'ଣ ତ୍ରୁଟି ରହିଛି ?

ଗତ ଛଅ ଦଶନ୍ଧିରେ ଇତିହାସକୁ ଅନୁଧ୍ୟାନ କଲେ ଏ କ୍ଷେତ୍ରରେ ମୋଟାମୋଟି ଭାବେ ଯେଉଁ ଚିତ୍ରଟି ସାମ୍ନାକୁ ଆସେ, ତାହାକୁ ଲକ୍ଷ୍ୟ କରି ଅନେକ ବୁଦ୍ଧିଜୀବୀ, ସ୍ୱାଧୀନତା ସଂଗ୍ରାମ ବେଳର ବଞ୍ଚିଥିବା କତିପୟ ସଂଗ୍ରାମୀ ଗଭୀର କ୍ଷୋଭ ପ୍ରକାଶ କରି କହନ୍ତି, ସ୍ୱାଧୀନତାର ମୂଳ ଲକ୍ଷ୍ୟ ପରାହତ ହୋଇଛି । ଯେଉଁ ମହନୀୟ ଆଦର୍ଶ ଓ ଲକ୍ଷ୍ୟ ନେଇ ସ୍ୱାଧୀନତା ସଂଗ୍ରାମ କରାଯାଇଥିଲା, ପରବର୍ତ୍ତୀ କାଳରେ ତାହା କକ୍ଷଚ୍ୟୁତ ହେବା ସହ ମୁଷ୍ଟିମେୟ ଲୋକଙ୍କ ହାତରେ କ୍ଷମତା ଠୁଳ ହୋଇଛି, ଫଳରେ ଦେଶର ସର୍ବାଙ୍ଗୀନ ବିକାଶ ବ୍ୟାହତ ହୋଇଛି । ଗରିବ ଲୋକେ ଆହୁରି ଗରିବ ହୋଇ ରହିଛନ୍ତି । ଶାସନ ବ୍ୟବସ୍ଥାକୁ ଯେଉଁମାନେ ଆସୁଛନ୍ତି, ସେମାନେ ସମତାର ପ୍ରତୀକ ନହୋଇ ଭୋଟକୈନ୍ଦ୍ରିକ ରାଜନୀତସର୍ବସ୍ୱ ହେଉଥିବାରୁ ନିରୀହ, ନିଃସ୍ୱ ଏବଂ ନିରକ୍ଷର ଲୋକଙ୍କର କଥା ଶୁଣିବାକୁ କେହି ନାହାନ୍ତି । ଫଳରେ ସେହି ସବୁ ଲୋକମାନଙ୍କ ମଧ୍ୟରେ ଦୀର୍ଘଦିନରୁ ରହିଥିବା ଅନ୍ତର୍ବେଦନା କ୍ରମେ କ୍ରମେ ବିସ୍ଫୋରଣ ରୂପ ନେଉଛି, ଯାହା ଦେଶର ଶାନ୍ତି ଓ ସଦ୍‌ଭାବନାର ବାତାବରଣକୁ କ୍ଷୁର୍ଣ୍ଣ କରୁଛି । ସମ୍ପ୍ରତି ଦେଶର କେତେକ ଅଞ୍ଚଳରେ ଦେଖାଦେଇଥିବା ଯୁବ ସମସ୍ୟା, ଜେନଜିଙ୍କ ଦାବୀ ଏବଂ ବିଭିନ୍ନ ସମସ୍ୟା ପଛରେ ଏହା ଏକ କାରଣ ହୋଇଥିଲେ ମଧ୍ୟ ଏହାକୁ ଯେପରି ପ୍ରତିହତ କରିବା କଥା ତାହା କରାଯାଉନଥିବା ପରିତାପର ବିଷୟ ।

ରାଜନୈତିକ, ପ୍ରଶାସନିକ, ଏପରିକି ଗଣମାଧ୍ୟମ କ୍ଷେତ୍ରରେ ଦୁର୍ନୀତି ଆଜି ବିଷମ ସମସ୍ୟା ସୃଷ୍ଟି କରିଛି । କେତେବେଳେ କେମିତି ଅଦାଲତ ରକ୍ଷକ ଭୂମିକା ନିର୍ବାହ କରି ପ୍ରଶଂସାର ପାତ୍ର ହେଉଛନ୍ତି ତ ଆଉ କେତେବେଳେ ଖୋଦ ବିଚାର ବିଭାଗର ଅଧିକାରୀ ମଧ୍ୟ ସମାଲୋଚନାର ପରିସର ମଧ୍ୟକୁ ଆସିଯାଉଛନ୍ତି । ଆମର ବ୍ୟବସ୍ଥା ଏପରି ହୋଇଛି ଯେ କେଉଁଠି ଲୋକେ ଦୁଇବେଳା ମୁଠାଏ ଖାଇବାକୁ ନପାଇ ଜୀବନ ହାରି ଦେଉଛନ୍ତି ତ ସେପଟେ କୋଟି କୋଟି ଟଙ୍କାର ଖାଦ୍ୟଶସ୍ୟ ଖତ ଖାଉଛି । ବର୍ଷେ କି ଦୁଇବର୍ଷ ନୁହେଁ, କ୍ରମାଗତ ବର୍ଷ ବର୍ଷ ଏହିପରି ଘଟଣା ଘଟିବା ଅକ୍ଷମଣୀୟ । ସୁପ୍ରିମ୍‌କୋର୍ଟ ଏବେ ଏହି ଘଟଣାରେ ଉଦ୍‌ବେଗ ପ୍ରକାଶ କରି କୋଟି କୋଟି ଟଙ୍କାର ଖାଦ୍ୟଶସ୍ୟ ଏପରି ପଚାସଢ଼ା ହେବା ପରିବର୍ତ୍ତେ ଏବଂ ଗରିବ ଲୋକଙ୍କ ମଧ୍ୟରେ ବିତରଣ କରିଦେବାକୁ ଆଦେଶ ଦେଇଛନ୍ତି । ଯେଉଁ କାରଣ ପାଇଁ କୋଟି କୋଟି ଟଙ୍କାର ଖାଦ୍ୟ ଶସ୍ୟ ଖୋଲା ଆକାଶ ତଳେ ସଢ଼ି ନଷ୍ଟ ହେଉଛି ତାହା ହେଉଛି ଖାଦ୍ୟଶସ୍ୟ ଗଚ୍ଛିତ କରି ରଖିବା ପାଇଁ ଭଣ୍ଡାର ଗୃହ ନାହିଁ । କିନ୍ତୁ କାହିଁକି ତାହା ହେଉନାହିଁ ଭଗବାନ ଜାଣନ୍ତି । କୁହାଯାଉଛି ଯେ ପଚାସଢ଼ା ଖାଦ୍ୟଶସ୍ୟକୁ ଶସ୍ତା ମୂଲ୍ୟରେ ମଦ କମ୍ପାନୀଗୁଡ଼ିକୁ ବିକ୍ରି କରିଦେବା ନିମନ୍ତେ ଏପରି କରାଯାଇଥାଏ । ଯଦି ଏହା ସତ୍ୟ ତାହେଲେ ଏହାକୁ ଚରମ ଦୁର୍ଭାଗ୍ୟ ଛଡ଼ା ଆଉ କ'ଣ କୁହାଯିବ ? ପଡ଼ୋଶୀ ଚୀନ ଏବଂ ଆମ ଭିତରେ ଏଇଠି ଫରକ ।

ତେଣେ ୨୦୫୦ ବେଳକୁ ଭାରତ ଜନସଂଖ୍ୟାରେ ଚୀନକୁ ଅତିକ୍ରମ କରି ପୃଥିବୀର ସର୍ବବୃହତ୍ତ ଜନବହୁଳ ଦେଶରେ ପରିଣତ ହୋଇଯାଇଥିବ । ସେତିକିବେଳକୁ ଯଦି ଏହି ପରିସ୍ଥିତି ଅବ୍ୟାହତ ରହେ, ଦେଶର ଅବସ୍ଥା କ'ଣ ହେବ ସହଜରେ ଅନୁମେୟ । ବିକାଶର ସୁଷମ ବଣ୍ଟନ ନହେଲେ ଲୋକଙ୍କ ଭିତରେ ହିଂସା ଏବଂ ଅସୂୟା ତୀବ୍ର ହେବା ସ୍ୱାଭାବିକ ଏବଂ ଉଲ୍ଲେଖ ନିଷ୍ପ୍ରୟୋଜନ ଯେ ଏହା ଅସ୍ଥିରତାକୁ ଜନ୍ମ ଦେଇଥାଏ । ସୁତରାଂ ନେଡ଼ିଗୁଡ଼ କହୁଣିକୁ ବହିଯିବା ପୂର୍ବରୁ ସତର୍କମୂଳକ ପଦକ୍ଷେପ ଗ୍ରହଣ କରାଯିବା ଏକାନ୍ତ ବାଞ୍ଛନୀୟ । ଆଜି ବିଶ୍ୱର 'ବିଶ୍ୱଗୁରୁ' ପାଲଟିଥିବା ଭାରତ ସତରେ ଅସଲ ସ୍ୱାଧୀନତା ପାଇଛି ? ଆମ୍ଭେମାନେ ଜଣେ ଜଣେ କ'ଣ ଯଥାର୍ଥ ସ୍ୱାଧୀନ ଭାରତର ନାଗରିକ ଏହି ପ୍ରଶ୍ନ ଆମ୍ଭମାନଙ୍କୁ ଯେତିକି ଆନ୍ଦୋଳିତ କରୁଛି ସେତିକି ବିକ୍ଷୋଭିତ ସୃଷ୍ଟି କରିବା ସହ ଅନେକ ଆହ୍ୱାନକୁ ମଧ୍ୟ ସମ୍ମୁଖୀନ ହେବା ପାଇଁ ରାସ୍ତା ତିଆରି କରୁଛି ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୧୬୩୫୨୮



## ପ୍ରେସ କ୍ଲବ ବ୍ରହ୍ମପୁରରେ ସ୍ୱାଧୀନତା ଦିବସ ପାଳିତ



ବ୍ରହ୍ମପୁର, ୧୬।୮ (ମନ୍ଥନ): ସ୍ଥାନୀୟ ଉତ୍କଳ ଆଶ୍ରମ ରୋଡ଼ ସ୍ଥିତ ପ୍ରେସ କ୍ଲବ ବ୍ରହ୍ମପୁର ପରିସରରେ ଦେଶର ୮୦ତମ ସ୍ୱାଧୀନତା ଦିବସ ଉତ୍ସାହ ଓ ଦେଶପ୍ରେମର ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି । କ୍ଲବ କୋଷାଧ୍ୟକ୍ଷ ଶିବ ନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲବ ସଭାପତି ଅଶୋକ ବ୍ରହ୍ମା ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଉପସ୍ଥିତ ବହୁ ସଦସ୍ୟ ଏକ ସ୍ୱରରେ ଜାତୀୟ ସଙ୍ଗୀତ ଗାନ କରିଥିଲେ । ଏହି ପରିପ୍ରେକ୍ଷୀରେ ସଭାପତି ଶ୍ରୀ ବ୍ରହ୍ମା ନିଜ ଅଭିଭାଷଣରେ ଆଜିର ଦିନ ଆମ ପାଇଁ ଗର୍ବ ଓ ଗୌରବର ଦିନ, ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଗଣମାଧ୍ୟମର ଦାୟିତ୍ୱ ସବୁଠୁ ବଡ଼, ଆମେ ସଦା ସର୍ବଦା ସତ୍ୟ ଓ ନିରପେକ୍ଷତାର ସହ ଲୋକଙ୍କ ସ୍ୱର ପହଞ୍ଚାଇବାକୁ ବଦ୍ଧପରିକର ହେବାକୁ ଆହ୍ୱାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟ ପ୍ରଶାନ୍ତ ଦାସ, ନାଗେଶ୍ୱର ପୃଷ୍ଟି, ନାରାୟଣ ମହାଙ୍କୁଡ, ସମୀର ଆଚାର୍ଯ୍ୟ, ସୁଦିପ ସାହୁ, ମୃତ୍ୟୁଞ୍ଜୟ ସାହୁ, ଅଭିଜିତ କର, ପିଣ୍ଟୁ ବେହେରା, ମନୋଜ ପଣ୍ଡା, ସୁରଥ ପଟ୍ଟନାୟକଙ୍କ ସମେତ ଅନ୍ୟ ବହୁ ସଦସ୍ୟ ମାନେ ଉପସ୍ଥିତ ଥିଲେ, ଅଭିଜିତ କର, ଜିଲ୍ଲା ପ୍ରତିନିଧି।

## ବଜାଜ୍ ଜେନେରାଲ ଇନସ୍ୟୁରାନ୍ସ ପ୍ରତିରକ୍ଷା କର୍ମଚାରୀଙ୍କ ପାଇଁ ପ୍ରୋଶିଲ୍ଡ ଏବଂ ଉନ୍ନତ ଭି-ପେ ୨.୦ ଶୁଭାରମ୍ଭ

ଭୁବନେଶ୍ୱର, ୧୬।୮ (ନି.ପ୍ର) : ଭାରତର ଅନ୍ୟତମ ଅଗ୍ରଣୀ ଘରୋଇ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ, ବଜାଜ୍ ଜେନେରାଲ ଇନସ୍ୟୁରାନ୍ସ ଲିମିଟେଡ୍ (ପୂର୍ବରୁ ବଜାଜ୍ ଆଲିଆ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ଭାବେ ପରିଚିତ), ଆଜି ପ୍ରତିରକ୍ଷା କର୍ମଚାରୀଙ୍କ ପାଇଁ ପରିକଳ୍ପିତ ଏକ ପ୍ୟାକେଜ୍ ହୋଇଥିବା ମୋଟର ଇନସ୍ୟୁରାନ୍ସ ସଲ୍ୟୁସନ ପ୍ରୋଶିଲ୍ଡର ଶୁଭାରମ୍ଭର ଘୋଷଣା କରିଛି। ଏହା ସହିତ ଆଜିର ସଂଯୁକ୍ତ ଯାନ ଏବଂ ବିକଶିତ ଗତିଶୀଳତା ବିପଦ ପାଇଁ ଏହାର ପରବର୍ତ୍ତୀ ପିଢ଼ିର ମୋଟର ଇନସ୍ୟୁରାନ୍ସ ଅଫରିଙ୍ଗ, ଉନ୍ନତ ଭି-ପେ ୨.୦ ର ମଧ୍ୟ ଉପସ୍ଥାପନା କରାଯାଇଛି।

ଆମର ପ୍ରତିରକ୍ଷା କର୍ମଚାରୀମାନେ ଦେଶର ସୀମା ଏବଂ ସୁରକ୍ଷାର ଧ୍ୟାନ ରଖୁଥିବା ବେଳେ, ସେମାନଙ୍କୁ ପ୍ରାୟତଃ ବାରମ୍ବାର ସ୍ଥାନାନ୍ତରଣ, କାର୍ଯ୍ୟକ୍ଷେତ୍ରର ଦାୟିତ୍ୱ ଏବଂ ପରିବାର ଠାରୁ ଦୀର୍ଘ ସମୟ ଧରି ଦୂରରେ ରହିବା ପରି ପରିସ୍ଥିତି ସହିତ ଜଡ଼ିତ ଜୀବନଶୈଳୀ ଅନୁସରଣ କରିବାକୁ ପଡ଼ିଥାଏ। ସେମାନଙ୍କ ସେବା ପ୍ରତି ଗଭୀର କୃତଜ୍ଞତା ସହିତ ପ୍ରସ୍ତୁତ ପ୍ରୋଶିଲ୍ଡ ହେଉଛି ଏକ ଉତ୍ସର୍ଗୀକୃତ ସମାଧାନ, ଯାହା ସାମରିକ ଜୀବନର ବିଶେଷ ସମସ୍ୟାଗୁଡ଼ିକର ସମାଧାନ କରିବା ସହିତ ସେମାନଙ୍କ କର୍ମ ସେମାନଙ୍କୁ ଯେଉଁଠାକୁ ନେଇଯାଏ, ସେଠାରେ ସୁରକ୍ଷା, ସୁବିଧା ଏବଂ ନିର୍ଭରଯୋଗ୍ୟ ଆର୍ଥିକ ସହାୟତା ପ୍ରଦାନ କରିଥାଏ।

ଏହାର ଶୁଭାରମ୍ଭ ଅବସରରେ ବଜାଜ୍ ଜେନେରାଲ ଇନସ୍ୟୁରାନ୍ସର ଏମଡି ଏବଂ ସିଇଓ ଡ. ତପନ ସିଂଘେଲ କହିଛନ୍ତି, 'ପାରମ୍ପରିକ ଭାବରେ ମୋଟର ଇନସ୍ୟୁରାନ୍ସ ମୁଖ୍ୟତଃ ଦୁର୍ଘଟଣା ପରେ ଯାନକୁ ସୁରକ୍ଷା ଦେବା ଉପରେ ଧ୍ୟାନ କେନ୍ଦ୍ରିତ କରିଆସିଛି। ଆଜି ମୋବିଲିଟି ବହୁତ ଅଧିକ ଗତିଶୀଳ ହୋଇଛି. ଯାନଗୁଡ଼ିକ ଦିନକୁ ଦିନ ଅଧିକ ସଂଯୋଜିତ ଏବଂ ପ୍ରଯୁକ୍ତି ଉପରେ ନିର୍ଭରଶୀଳ ହେଉଛନ୍ତି। ବିଭିନ୍ନ ଗ୍ରାହକ ବର୍ଗର ଆବଶ୍ୟକତା ମଧ୍ୟ ଭିନ୍ନ ରହିଛି। ସେମାନଙ୍କର କେବଳ ପାରମ୍ପରିକ ମୋଟର ଇନସ୍ୟୁରାନ୍ସ ନୁହେଁ, ବରଂ ଅଧିକ ଏବଂ ବିଶେଷ ସୁରକ୍ଷାର ଆବଶ୍ୟକତା ରହିଛି। ଏହି ବୁଝାମଣା ଉଭୟ ଏହି ଅଫରିଙ୍ଗକୁ ଆକାର ଦେଇଛି। ଆମ ପ୍ରତିରକ୍ଷା କର୍ମଚାରୀମାନେ ଯେଉଁଠାରେ ଦେଶର ଆବଶ୍ୟକତା ଥାଏ, ସେଠାରେ ସେବା ପ୍ରଦାନ କରନ୍ତି। ସେମାନଙ୍କର ଯାନଗୁଡ଼ିକ ମଧ୍ୟ ପ୍ରାୟତଃ ସେମାନଙ୍କ ପରି ଯାତ୍ରା କରେ। ବିଭିନ୍ନ ପୋଷ୍ଟିଂ ଏବଂ ଭୌଗୋଳିକ ଅଂଚଳ ମଧ୍ୟରେ ଯାନଗୁଡ଼ିକର ଯାତାୟାତ ହେଉଥିବାରୁ ଏପରି ଆବଶ୍ୟକତା ସୃଷ୍ଟି ହୁଏ, ଯାହା ଏକ ପାରମ୍ପରିକ ମୋଟର ପଲିସି ଠାରୁ ଅଧିକ ବ୍ୟାପକ ଅଟେ। ଏହି ବାସ୍ତବତାକୁ ଦୃଷ୍ଟିରେ ରଖି ପ୍ରୋଶିଲ୍ଡକୁ ପ୍ରସ୍ତୁତ କରାଯାଇଛି। ଏହା ପ୍ରତିରକ୍ଷା ଜୀବନର ବିଶେଷ ଆବଶ୍ୟକତାକୁ ପୂରଣ କରୁଥିବା ସୁରକ୍ଷା ପ୍ରଦାନ କରେ। ଅନ୍ୟ ପକ୍ଷରେ, ଭି-ପେ ୨.୦ ଆଧୁନିକ ଯାନଗୁଡ଼ିକର ପରିବର୍ତ୍ତିତ ସ୍ୱରୂପକୁ ପ୍ରତିଫଳିତ କରେ। ଏହା ନୂଆ ବିପଦ, ବିକଶିତ ଟେକ୍ନୋଲୋଜି ଏବଂ ଏକକ ଅଫରିଙ୍ଗ ଅଧୀନରେ ବ୍ୟାପକ କଭରକୁ ଏକତ୍ର କରି, ଆଜିର ଯାନ ମାଲିକଙ୍କ ପାଇଁ ମୋଟର ଇନସ୍ୟୁରାନ୍ସକୁ ସରଳ ଏବଂ ଅଧିକ ପ୍ରାସଙ୍ଗିକ କରିଥାଏ।ଏହି ଦୁଇଟି ସ୍ୱତନ୍ତ୍ର ଅଫରିଙ୍ଗ ହୋଇଥିଲେ ମଧ୍ୟ, ଏହା ପଛରେ ଏକ ସମାନ ଚିନ୍ତାଧାରା ରହିଛି। ତାହା ହେଉଛି ମୋବିଲିଟି କିପରି ପରିବର୍ତ୍ତିତ ହେଉଛି ତାହା ବୁଝିବା ଏବଂ ସେହି ପରିବର୍ତ୍ତନ ଅନୁଯାୟୀ ଅଧିକ ପ୍ରାସଙ୍ଗିକ ଓ ଉଦ୍ଦେଶ୍ୟପୂର୍ଣ୍ଣ ପ୍ରୋଡକ୍ଟ ପ୍ରସ୍ତୁତ କରିବା।

## ହଳଦିଗଡିଆ ଗ୍ରାମପଞ୍ଚାୟତର ବିଭିନ୍ନ ସ୍ଥାନରେ ସ୍ୱାଧିନତା ଦିବସ ପାଳିତ

ଯାଜପୁର, ୧୬।୮ (ନି.ପ୍ର): ଯାଜପୁର ଜିଲ୍ଲାର କୋରେଇ ବ୍ଲକସ୍ଥିତ ହଳଦିଗଡିଆ ଗ୍ରାମପଞ୍ଚାୟତର ବିଭିନ୍ନ ଅନୁଷ୍ଠାନରେ ମହାସମାରୋହରେ ୮୦ତମ ସ୍ୱାଧିନତା



ଦିବସ ପାଳିତ ହୋଇଯାଇଛି।ହଳଦିଗଡିଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକାକୁ ଆନୁଷ୍ଠାନିକ ଭାବେ ସରପଞ୍ଚ ଅନିଲ କୁମାର ମହାପାତ୍ର ଉତ୍ତୋଳନ କରିଥିବାବେଳେ ପଞ୍ଚାୟତର ପିଇଓ ନିର୍ମଳ ଚନ୍ଦ୍ରପଣ୍ଡା ନାଏବ ସରପଞ୍ଚ ଝୁନୁବେହେରା ହଳଦିଗଡିଆ ସେବାସମିତିର କର୍ମଚାରୀ ସନାତନ ବାରିକ ଓ ସନ୍ତୋଷ କୁମାର ସ୍ୱାଇଁ, ପ୍ରମୁଖ ଉପସ୍ଥିତିଥିବା ବେଳେ ଗ୍ରାମସଭାରେ ଗ୍ରାମରପ୍ରମୁଖ ଅଧିବାସୀ କେଦାର ଚନ୍ଦ୍ରନାଥ ସାମ୍ବାଦିକ ଭୁବନମୋହନ ମହାନ୍ତି ଗୋପୀନାଥ ବିଶ୍ୱାଳ ୱାର୍ଡସଭ୍ୟ ଅଧରଚନ୍ଦ୍ର ନାଥ ସୁଧାଂଶୁ ବିଶ୍ୱାଳ ସମିତି ସଭ୍ୟ ଉଦୟ କୁମାର ନାୟକ ସୟଦ ସିରାଜ ଅଲ୍ଲୀପ୍ରମୁଖ ଭାଗ ନେଇଥିଲେ ସେହିପରି ସତ୍ୟନାରାୟଣ ପାଠାଗାର ପରିସରରେ ପ୍ରତିଷ୍ଠାତା ସଂପାଦକ ଭୁବନ ମୋହନ ମହାନ୍ତି ଜାତୀୟ ପତାକା ଉତୋଳନ କରିଥିବା ବେଳେ ହଳଦିଗଡିଆ ଉଚ୍ଚବିଦ୍ୟାଳୟ ଓ ମଦନମୋହନ ନୋଡାଲ ସରକାରୀ ବିଦ୍ୟାଳୟପରିସରରେ ପ୍ରଧାନଶିକ୍ଷକ ଜାତୀୟ ପତାକା ଉତୋଳନ କରିଥିଲେ ଗାନ୍ଧୀ ଛକର ମହାତ୍ମାଗାନ୍ଧୀଙ୍କ ନିକଟରେ ଅବସରପ୍ରାପ୍ତସରକାରୀ କର୍ମଚାରୀ ଭାନୁଦେବ ମିଶ୍ର ପତକା ଉତୋଳନ କରିଥିଲେ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ମିଷ୍ଟାନ ବଣ୍ଟନ କରିଥିଲେ।

## ଭାରତରେ ସ୍ୱଦେଶୀ ଏଏମସିଏ ଇଂଜିନ ବିକାଶରେ ସହଭାଗିତା ନେଇ ରିଲାଏନ୍ସ ଏବଂ ରୋଲ୍ସ-ରଏସର ଘୋଷଣା

ମୁମ୍ବାଇ,୧୬।୮ (ନି.ପ୍ର): ସ୍ୱାଧୀନତା ଦିବସ ପୂର୍ବ ସନ୍ଧ୍ୟାରେ, ଭାରତର ପ୍ରତିରକ୍ଷା ଆତ୍ମନିର୍ଭରଶୀଳତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାମ୍ନାକୁ ଆସିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ରୋଲ୍ସ-ରଏସ୍ ଭାରତର ଆଡଭାନ୍ସଡ୍ ମିଡିୟମ୍ କମ୍ବାଟ୍ ଏୟାରକ୍ରାଫ୍ଟ (ଏଏମସିଏ) କାର୍ଯ୍ୟକ୍ରମ ପାଇଁ ଏକ ସ୍ୱଦେଶୀ ଲଢୁଆ ଜେଟ୍ ଇଂଜିନର ଡିଜାଇନ୍, ବିକାଶ, ନିର୍ମାଣ ଏବଂ ଯୋଗାଣ ଦିଗରେ ଏକାଠି କାମ କାରବାପାଇଁ ସେମାନଙ୍କର ରଣନୈତିକ ଉଦ୍ଦେଶ୍ୟ ଘୋଷଣା କରିଛନ୍ତି। ଏଏମସିଏ ହେଉଛି ଭାରତର ପରବର୍ତ୍ତୀ ପିଢ଼ିର ଲଢୁଆ ବିମାନ କାର୍ଯ୍ୟକ୍ରମ ଏବଂ ଦେଶର ବାୟୁ ଶକ୍ତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଦୁଇ କମ୍ପାନୀ ଭାରତରେ ଏକ ଉତ୍ସର୍ଗୀକୃତ ଏରୋସ୍ପେସ୍ ଗ୍ୟାସ୍ ଟର୍ବାଇନ୍ କଂପ୍ଲେକ୍ସ ପ୍ରତିଷ୍ଠା କରିବାର ସମ୍ଭାବନା ମଧ୍ୟ ଅନୁସନ୍ଧାନ କରିବେ। ଏହାକୁ ପାୱାର ଏବଂ ପ୍ରପଲସନ ଟେକ୍ନୋଲୋଜିର 'ଉତ୍କର୍ଷ କେନ୍ଦ୍ର' ଭାବରେ ବିକଶିତ କରିବାର ଯୋଜନା ରହିଛି। ପ୍ରସ୍ତାବିତ ସହଭାଗୀତାର ଲକ୍ଷ୍ୟ ହେଉଛି ଏଏମସିଏ ପାଇଁ ଇଂଜିନର ମିଳିତ ବିକାଶରେ ରୋଲ୍ସ-ରଏସ୍‌ର ଉନ୍ନତ ଇଂଜିନ୍ ପ୍ରଯୁକ୍ତିବିଦ୍ୟା ଏବଂ ରିଲାଏନ୍ସର ଉତ୍ପାଦନ ଦକ୍ଷତା, ପ୍ରଯୁକ୍ତିବିଦ୍ୟା ତଥା ବ୍ୟାପକ ସ୍ତରରେ କାର୍ଯ୍ୟ କରିବାର କ୍ଷମତାକୁ ଏକତ୍ର କରିବା। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀ କହିଛନ୍ତି ଯେ ମହତ୍ତ୍ୱପୂର୍ଣ୍ଣ ପ୍ରଯୁକ୍ତି କ୍ଷେତ୍ରରେ ନିଜସ୍ୱ କ୍ଷମତା ଭାରତର ରଣନୈତିକ ସ୍ୱାୟତ୍ତତା ପାଇଁ ଜରୁରୀ। ରୋଲ୍ସ-ରଏସର ସର୍ବାଧୁନିକ ତଥା ଉନ୍ନତ ପ୍ରପଲସନ ବିଶେଷଜ୍ଞତା ଏବଂ ରିଲାଏନ୍ସର ପ୍ରଯୁକ୍ତି ତଥା ଉତ୍ପାଦନ କ୍ଷମତାକୁ ଏକାଠି କରି ଭାରତରେ ଏକ ସ୍ୱଦେଶୀ ଏରୋ-ଇଂଜିନ୍ ଇକୋସିଷ୍ଟମ୍ ସୃଷ୍ଟି କରିବାର ଲକ୍ଷ୍ୟ ରହିଥିବା ସେ ପ୍ରକାଶ କରିଛନ୍ତି। ଏହି ପଦକ୍ଷେପ ଦେଶକୁ ଆତ୍ମନିର୍ଭର କରିବା ସହିତ ଭବିଷ୍ୟତରେ ଉନ୍ନତ ପ୍ରପଲସନ ଟେକ୍ନୋଲୋଜି କ୍ଷେତ୍ରରେ ବିଶ୍ୱସ୍ତରରେ ପ୍ରତିଯୋଗିତାମୂଳକ ହେବାରେ ସହାୟକ ହୋଇପାରିବ। ରୋଲ୍ସ-ରଏସ୍‌ର ସିଇଓ ଟୁଫାନ୍ ଏର୍ଗିନବିଲ୍‌ଗିଚ ଏହାକୁ ଭାରତରେ ଏକ ଦୃଢ଼ ଏବଂ ଆତ୍ମନିର୍ଭର ଏରୋସ୍ପେସ୍ ଇକୋସିଷ୍ଟମ୍ ନିର୍ମାଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ରୋଲ୍ସ-ରଏସ୍‌ର ପ୍ରାୟ ଏକ ଶତାବ୍ଦୀର ଇଞ୍ଜିନିୟରିଙ୍ଗ ଏବଂ ଇଂଜିନ୍ ବିଶେଷଜ୍ଞତାକୁ ରିଲାଏନ୍ସର ଭାରତୀୟ ଔଦ୍ୟୋଗିକ କ୍ଷମତା ସହିତ ଯୋଡ଼ାଯିବ। ପ୍ରସ୍ତାବିତ ଏରୋ ଗ୍ୟାସ୍ ଟର୍ବାଇନ୍ କଂପ୍ଲେକ୍ସରେ ଡିଜାଇନ୍, ବିକାଶ, ନିର୍ମାଣ, ପରୀକ୍ଷଣ, ଉତ୍ପାଦନ ଏବଂ ସମ୍ପୂର୍ଣ୍ଣ ଲାଇଫସାଇକଲ ଅବଧିରେ ଇଂଜିନ୍ ସପୋର୍ଟ ଭଳି କ୍ଷମତା ଭାରତରେ ବିକଶିତ କରିବାର ଲକ୍ଷ୍ୟ ରହିଛି। ଉଭୟ କମ୍ପାନୀ ଭବିଷ୍ୟତରେ ପ୍ରତିରକ୍ଷା, ବେସାମରିକ ଏରୋସ୍ପେସ ଏବଂ ନୂତନ ପାୱାର ଓ ପ୍ରପଲସନ ପ୍ରଣାଳୀଗୁଡିକରେ ମଧ୍ୟ ସହଭାଗିତାର ସମ୍ଭାବନା ଅନୁସନ୍ଧାନ କରିପାରନ୍ତି।

## ହୋଟେଲ ପ୍ରାଚୀରେ 'ସିଲ୍କ ଇଣ୍ଡିଆ' ପ୍ରଦର୍ଶନୀ ଆରମ୍ଭ

ଭୁବନେଶ୍ୱର, ୧୬।୮ (ନି.ପ୍ର) : ପାର୍ବଣ ଓ ବିବାହ ଋତୁକୁ ନଜରରେ ରଖି ଭୁବନେଶ୍ୱରରେ ସିଲ୍କ ଇଣ୍ଡିଆ ପ୍ରଦର୍ଶନୀ ଲୋକଙ୍କ ଚାହିଦାକୁ ପୂରଣ କରିବା ପାଇଁ ନିଜର ଏଥ୍ନିକ୍ ୱେଭସ୍, ପାରମ୍ପରିକ ସିଲ୍କ ଓ କଟନ ଉତ୍ପାଦଗୁଡିକୁ ପ୍ରଦର୍ଶିତ କରିବା ପାଇଁ ଭୁବନେଶ୍ୱର ଆସିଛନ୍ତି। ଏହି ପ୍ରଦର୍ଶନୀ ତଥା ସେଲ୍ ଭୁବନେଶ୍ୱର ଜନପଥସ୍ଥିତ ହୋଟେଲ ଦ ନ୍ୟୁ ମାରିୟନଠାରେ ୧୪ - ୨୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ସକାଳ ୧୦ଟା ୩୦ରୁ ରାତି ୮ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଜାରି ରହିବ। ଏହି ପ୍ରଦର୍ଶନୀ ଓଡ଼ିଆ ଅଭିନେତ୍ରୀ ଜୟା ବିଶ୍ୱାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ସୂକ୍ଷ୍ମ ପାରମ୍ପରିକ ସିଲ୍କ, କଟନ ଓ ବୁଣାକାରମାନଙ୍କ ଉତ୍ପାଦଗୁଡିକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ସମସାମୟିକ ଓ ଆର୍ଥିକ ଦୃଷ୍ଟିରୁ ପ୍ରାସଙ୍ଗିକ କରିବା ଲାଗି କାରିଗର, ଡିଜାଇନର, ସାମାଜିକ କାର୍ଯ୍ୟକର୍ତ୍ତା, ଶିକ୍ଷାନୁଷ୍ଠାନ, ପରିବେଶବିତ୍ ଆଦିଙ୍କ ଏକ ଗୋଷ୍ଠୀ ଦ୍ୱାରା ଓଡିଶା କଳା ଓ ହସ୍ତଶିଳ୍ପ ସମିତିର ପ୍ରତିଷ୍ଠା କରାଯାଇଥିଲା। ବିଭିନ୍ନ ରାଜ୍ୟର ବୁଣାକାରମାନେ ଚଳିତ ବର୍ଷର ପ୍ରଦର୍ଶନୀରେ ଅଂଶଗ୍ରହଣ କରିଛନ୍ତି ଯେଉଁଥିରେ ଆକର୍ଷଣୀୟ ଉପ୍ପଦା, ବନାରସି ସିଲ୍କ, ଗଡ୍‌ୱାଲ, ଧରମାଭରମ୍, ଜାମ୍‌ଦାନି, ଜମାୱାର ଓ ସମ୍ବଲପୁରୀ ଆଦି ସାମିଲ ରହିଛି। ଏଠାରେ ଦେଶର ପ୍ରତ୍ୟେକ ଅଂଚଳରୁ ଶାଢୀଠାରୁ ଆରମ୍ଭ କରି ଡ୍ରେସ୍ ମ୍ୟାଟେରିଆଲ, ସିଲ୍କ ଓ କଟନ ଶାଢୀ, ସୁଟ୍ ଡ୍ରେସ୍ ମ୍ୟାଟେରିଆଲ, ଫ୍ୟାଶନ ଜୁଏଲାରୀ,ହୋମ୍ ଫର୍ଣ୍ଣିସିଙ୍ଗ, ଡିଜାଇନର୍ ପୋଷାକ ଆଦି ସାମିଲ କରାଯାଇଛି। ଏହି ପ୍ରଦର୍ଶନୀ ଗ୍ରାହକମାନଙ୍କୁ ଭାରତର ରଙ୍ଗ, ବିବିଧତା ଓ



ପ୍ରତିଭାର ଏକ ଉନ୍ନତ ସୁଯୋଗ ପ୍ରଦାନ କରିଛି। ୧୪ଟି ହସ୍ତତନ୍ତ ବୁଣାକାର ରାଜ୍ୟ ଯେପରିକି ଆସାମ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ବିହାର, ଓଡିଶା, ଛତିଶଗଡ, ଗୁଜରାଟ, ଜମ୍ମୁ ଓ କଶ୍ମୀର, ପଶ୍ଚିମବଙ୍ଗ ଏବଂ ବୁଣାକାରମାନଙ୍କ ସହ ସହଭାଗିତାରେ କାର୍ଯ୍ୟ କରୁଥିବା ମେଟ୍ରୋ ସହରଗୁଡିକର ଅନେକ ଡିଜାଇନର ଏଠାରେ ନିଜ କାର୍ଯ୍ୟର ୫୦,୦୦୦ରୁ ଅଧିକ ବିବିଧତା ପ୍ରଦର୍ଶନ କରିଛନ୍ତି।

ସିଲ୍କ ଇଣ୍ଡିଆ-ୱେଡିଙ୍ଗ୍ କଲେକ୍ସନର ଆୟୋଜକ, ମାନସ ଆଚାର୍ଯ୍ୟ କହିଛନ୍ତି ଯେ, 'ଏହି ହସ୍ତତ' ପ୍ରଦର୍ଶନୀର ମୁଖ୍ୟ ସାମାଜିକ ଉଦ୍ଦେଶ୍ୟ ହେଉଛି ବୁଣାକାରମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ହସ୍ତତନ୍ତ ଶିଳ୍ପକୁ ଏକ ବଜାର ପ୍ରଦାନ କରିବା। ଏହି ପ୍ରଦର୍ଶନୀଗୁଡିକ ମାଧ୍ୟମରେ ଆମେ ବୁଣାକାର ଓ ସେମାନଙ୍କୁ ହସ୍ତତନ୍ତ ବୁଣା ସାମଗ୍ରୀଗୁଡିକ ପାଇଁ ଯେଉଁଠାରେ ପ୍ରଦର୍ଶନୀ ସମ୍ଭବ ନୁହେଁ ସେଠାରେ ମଧ୍ୟ ଉନ୍ନତ ବଜାର ସୃଷ୍ଟି କରିବାକୁ ସକ୍ଷମ ହୋଇଛୁ। ପ୍ରଦର୍ଶନର ଉଦ୍ଦେଶ୍ୟ ହେଉଛି ବ୍ୟବସାୟୀଙ୍କ ବିନା ଗ୍ରାହକଙ୍କ ନିକଟରେ ସିଧାସଳଖ ଶୁଦ୍ଧ ସିଲ୍କ ଓ କଟନ ଉତ୍ପାଦଗୁଡିକୁ ପହଂଚାଇବା। ପ୍ରଦର୍ଶିତ ହେଉଥିବା କଟନ ଓ ସିଲ୍କ ହସ୍ତତନ୍ତ ଉତ୍ପାଦଗୁଡିକର ମୂଲ୍ୟ ୫୦୦ ଟଙ୍କାରୁ ଆରମ୍ଭ କରି ସ୍ୱତନ୍ତ୍ର ହାତ ତିଆରି ଶାଢୀଗୁଡିକ ପାଇଁ ୧,୫୦,୦୦୦ ଟଙ୍କା ମଧ୍ୟରେ ରହିଛି।

ଡୋକ୍‌ରା ଆଦିବାସୀ ଅଳଙ୍କାର ଓ ଛନ୍ନାପାଟ୍‌ନପା ଖେଳନାଗୁଡିକ ଗ୍ରାହକଙ୍କ ଦୃଷ୍ଟି ଆକର୍ଷଣ କରୁଛି। କୋଏମ୍ବାଟୁର ସିଲ୍କ, ଆସାମର ମୁଗା ସିଲ୍କ, ବେଙ୍ଗାଲୁରୁ ସିଲ୍କ, କ୍ରେପ୍ ଓ ଜର୍ଜେଟ୍ ଶାଢୀ, କର୍ଣ୍ଣାଟକର ର' ସିଲ୍କ ମ୍ୟାଟେରିଆଲ, କଲମକାରି, ପୋଚମ୍‌ପାଲ୍ଲି, ମଙ୍ଗଳଗିରି ଡ୍ରେସ୍ ମ୍ୟାଟେରିଆଲ, ଉପଦା, ଗଡ୍‌ୱାଲ, ଧରମ୍‌ୱରମ୍, ଅରଗା ସିଲ୍କ ଶାଢୀ, ଆନ୍ଧ୍ରପ୍ରଦେଶର ଶୁଦ୍ଧ ସିଲ୍କ ଜରି ଶାଢୀ, ଟସର, କାନ୍ଥା, ବିହାରର ଭାଗଲପୁର ଡ୍ରେସ୍ ମ୍ୟାଟେରିଆଲ, କୋସା ସିଲ୍କ ଶାଢୀ,ଘିଚା ସିଲ୍କ ଶାଢୀ, ମଲବେରୀ ର' ସିଲ୍କ, ଛତିଶଗଡର ବ୍ଲକ୍ ପ୍ରିଂଟେଡ୍ ସିଲ୍କ ଶାଢୀ, ବାନ୍ଧନି, ପାଟୋଲା, କଚ୍ଛ୍ ଏମ୍ବ୍ରୋଏଡରୀ, ଗୁଜରାଟୀ ମିରର୍ ୱର୍କ ଓ ଗୁଜରାଟର ଡିଜାଇନର କୂର୍ତି, ତାବି ସିଲ୍କ ଶାଢୀ, ପସ୍‌ମିନା ସାଲ୍, ଜମ୍ମୁ ଓ କଶ୍ମୀରର ଚିନାନ୍ ସିଲ୍କ ଶାଢୀ, ବମ୍‌କାଇ, ଓଡିଶାର ସମ୍ବଲପୁରୀ, ବନ୍ଧେଜ୍, ବାନ୍ଧନି ସିଲ୍କ ଶାଢୀ, ଜୟପୁର କୂର୍ତି, ବ୍ଲକ୍ ପ୍ରିଂଟ୍, ସାଙ୍ଗାନେରି ପ୍ରିଂଟ୍, ରାଜସ୍ଥାନର କୋଟା ଡୋରିଆ ଜୟପୁରୀ ରଜାଇ ଓ ବେଡ୍‌ସିଟ. ତାନ୍‌ଚୋଇ, ବନାରସି ଜାମ୍‌ଦାନି, ଜାମାବର, ଜାମ୍‌ଦାନି, ବ୍ରକେଟ୍ ଡ୍ରେସ୍ ମ୍ୟାଟେରିଆଲ, ଉତରପ୍ରଦେଶର ଲଖ୍‌ନଭି ଚିକାନ, ଶାନ୍ତି ନିକେତନ, କାନ୍ଥା ଶାଢୀ, ଡିଜାଇନର ଶାଢୀ,ବାଲୁଚାରି, ନିମ୍‌ଜରି ଶାଢୀ, ପ୍ରିଂଟେଡ୍ ଶାଢୀ, ପଶ୍ଚିମବଙ୍ଗର ଢାକାଇ ଜାମ୍‌ଦାନି, ମହାରାଷ୍ଟ୍ରର ଜରି ପୈଠାନି ଶାଢୀ ଆଦି ଏହି ପ୍ରଦର୍ଶନୀରେ ଉପଲବ୍ଧ ରହିଛି।

## କୁକୁଡାଖଣ୍ଡି ବ୍ଲକରେ ୮୦ତମ ସ୍ୱାଧୀନତା ଦିବସ ପାଳିତ

କୁକୁଡାଖଣ୍ଡି:୧୬/୮ (ନି.ପ୍ର) : ଦେଶର ୮୦ତମ ସ୍ୱାଧୀନତା ଦିବସ ଅବସରରେ କୁକୁଡାଖଣ୍ଡି ବ୍ଲକ ପରିସରରେ ପ୍ରଶାସନ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଛି। ବିଡ଼ିଓ ପଲ୍ଲବୀ ସ୍ୱାଇଁଙ୍କ ନେତୃତ୍ୱରେ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ବ୍ଲକ ଉପାଧକ୍ଷ ବିଷ୍ଣୁପ୍ରିୟା ମହାପାତ୍ର, ଜିପିଓ ଅଶୋକ କୁମାର ପଟ୍ଟନାୟକ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅନୁରାଗ ରଥ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁପ୍ରଭା ସାହୁ, ସିଡିପିଓ କୁସୁମ କୁମାରୀ ସାହୁ, ବିପିସି ଶ୍ରୀରାମ ପଣ୍ଡା, ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମହାପାତ୍ର, ଏବିଇଓ ବସନ୍ତ କୁମାର ସେଠୀ, ଏବଂ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ପ୍ରଧାନ, ସମାଜସେବୀ



ଉଦୟ ବେହେରା, କୈଳାସ ବିଷୋୟୀ, ଗୌତମ ମହାରଣା,ନିଲେସ କୁମାର ଦଳେଇଙ୍କ ସମେତ ମିଶନ ଶକ୍ତି କର୍ମଚାରୀ, ଅଙ୍ଗନବାଡି କର୍ମଚାରୀ ଓ ବ୍ଲକର ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଏହାପରେ 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମ ସହ ଜଡିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ବିଧାୟକ ଶ୍ରୀ ମହାପାତ୍ର ମାନପତ୍ର ଓ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ। ସେହିପରି ଜଗଦଲପୁର ସ୍ଥିତ ସହିଦ ଶ୍ରୀନିବାସ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ବିଧାୟକ। କାର୍ଯ୍ୟକ୍ରମ ରେ, ସାଂସଦ ପ୍ରତିନିଧି ସନ୍ତୋଷ ଚୌଧୁରୀ, କ୍ରିଷ୍ଣାମୂର୍ତ୍ତି ପାତ୍ର, ସୁନୀଲ ପାତ୍ର,ଲାବଣ୍ୟ ପାତ୍ର, ରବିନ୍ଦ୍ର ବାଡତ୍ୟାଙ୍କ ସମେତ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ।

## ରାୟଗଡ଼ରେ ୮୦ତମ ସ୍ୱାଧୀନତା ଦିବସ ପାଳିତ

ରାୟଗଡ଼, ୧୬/୦୮ (ନି.ପ୍ର): ରାୟଗଡ଼ ଜିଲ୍ଲାରେ ଉତ୍ସାହ, ଗରିମା ଓ ଦେଶଭକ୍ତିର ଭାବନା ସହ ୮୦ତମ ସ୍ୱାଧୀନତା ଦିବସ ଧୁମଧାମରେ ପାଳିତ ହୋଇଛି। ସ୍ଥାନୀୟ ପିଏମ୍ ଶ୍ରୀ ଜିସିଡି ହାଇସ୍କୁଲ ପଡ଼ିଆରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ରାୟଗଡ଼ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ରାୟଗଡ଼ ଏସ୍?ପି ଶ୍ରୀ ରାଜ ପ୍ରସାଦ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପତାକା ଉତ୍ତୋଳନ ପରେ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣୀ ପରେଡ୍ ନିରୀକ୍ଷଣ କରିଥିଲେ। ଏହି ଅବସରରେ ସିଆରପିଏଫ୍ ଓ ଓଡ଼ିଶା ପୋଲିସ ସମେତ ପ୍ରାୟ ୪୦ଟି ପ୍ଲାଟୁନ୍ ଭବ୍ୟ ପରେଡ୍?ରେ ଅଂଶଗ୍ରହଣ କରି ଦେଶପ୍ରେମ ଓ ଶୃଙ୍ଖଳାର ଚମତ୍କାର ପ୍ରଦର୍ଶନ କରିଥିଲେ। ପରେଡ୍?ର ସୁଚାରୁ ପରିଚାଳନା ଓ ଶୃଙ୍ଖଳାବଦ୍ଧ ଉପସ୍ଥାପନା ପାଇଁ ରିଜର୍ଭ ଇନ୍ସପେକ୍ଟର, ରାୟଗଡ଼ ଶ୍ରୀ ଦିନେଶ କୁମାର ସାହୁଙ୍କ ଭୂମିକା ବିଶେଷ ଭାବେ ପ୍ରଶଂସନୀୟ ଥିଲା। ସ୍ୱାଧୀନତା ଦିବସ ସମାରୋହରେ ବିଭିନ୍ନ ପ୍ରତିଯୋଗିତା, ବିଭିନ୍ନ ବୋର୍ଡ, ବିଷୟ ଓ ଶିକ୍ଷାଧାରାରେ ଦଶମ, ଦ୍ୱାଦଶ ଏବଂ ସ୍ନାତକ ସ୍ତରରେ ଜିଲ୍ଲାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀ, ଦେଶସେବା, ସମାଜସେବା, ପରିବେଶ ସୁରକ୍ଷା ଓ ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଦେଶସେବା ପାଇଁ ଭାରତୀୟ



ସେନାବାହିନୀର ଶ୍ରୀ ଦେବୀ ପ୍ରସାଦ ପାଣିଗ୍ରାହୀ, ଭାରତୀୟ ବାୟୁସେନାର ଶ୍ରୀ ଲକ୍ଷ୍ମୀନାରାୟଣ ପାଢ଼ୀ ଏବଂ ଭାରତୀୟ ନୌସେନାର ଶ୍ରୀ ଠାକୁର ପ୍ରସାଦ ଜେନାଙ୍କୁ ମଧ୍ୟ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ସମାଜସେବା ପାଇଁ ଶ୍ରୀ ଅନାଦି ଗରଡା ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ଅବଦାନ ପାଇଁ ପ୍ରକୃତି ବନ୍ଧୁ ଶ୍ରୀମତୀ ଟି. ଗୌରୀଙ୍କୁ ସମ୍ମାନିତ କରାଯାଇଥିଲା। ସାହସିକତା ପାଇଁ କଲ୍ୟାଣସିଂହପୁର ଅଞ୍ଚଳର ତିନି ଜଣଙ୍କୁ ସେମାନଙ୍କ ସାହସ ଓ ମାନବିକତା ପାଇଁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ଭାଲେରୀ ଗ୍ରାମର ଶ୍ରୀ ବଳରାମ ବାଗ, ଇଣ୍ଟାଲିଗୁଡ଼ା ଗ୍ରାମର ଶ୍ରୀ ପୁରୁଷୁ ହିକକା ଏବଂ ବିନିଶପୁର ଗ୍ରାମର ଶ୍ରୀ ରାମଚନ୍ଦ୍ର ପାଲକା। ସାହସିକତାର ପରିଚୟ ଦେଇ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ସେମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ରୀଡ଼ା କ୍ଷେତ୍ରରେ ଜାତୀୟ ସ୍ତରରେ ସଫଳତା ହାସଲ କରି ଜିଲ୍ଲାର ଗୌରବ ବଢ଼ାଇଥିବା ମୌସୁମୀ ମାଝୀ ଓ ସ୍ୱପ୍ନା ହୁଇକାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଉଭୟେ ଜାତୀୟ ସ୍ତରୀୟ ଥ୍ରୋ ବଲ୍ ପ୍ରତିଯୋଗିତାରେ କାଂସ୍ୟ ପଦକ ହାସଲ କରିଥିବାରୁ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ସମାରୋହରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପରେଡ୍, ପିଇଟି ପ୍ରଦର୍ଶନ, ଦେଶଭକ୍ତିମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସାଇବର ପୋଲିସ ପକ୍ଷରୁ ପ୍ରଦର୍ଶିତ ପ୍ରଦର୍ଶନୀ ରଥ ମଧ୍ୟ ଉପସ୍ଥିତ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା। ଏହି ଗରିମାମୟ ଆୟୋଜନକୁ ସଫଳ କରିବାରେ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ, ଆର ଆଣ୍ଡ୍ ବି ବିଭାଗ, ପୌରପାଳିକା, ପିଏଚ୍?ଡି, ବିଭିନ୍ନ ଲାଇନ୍ ବିଭାଗ, ଜନପ୍ରତିନିଧି, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ସମସ୍ତ ସହଯୋଗୀଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ଥିଲା। ୮୦ତମ ସ୍ୱାଧୀନତା ଦିବସର ସମଗ୍ର ଆୟୋଜନ, ବିଭିନ୍ନ ବିଭାଗ ସହ ସମନ୍ୱୟ, ପ୍ରଚାର-ପ୍ରସାର ଓ ଗଣମାଧ୍ୟମ ସହ ଯୋଗାଯୋଗ କାର୍ଯ୍ୟକୁ ସୁଚାରୁ ଭାବେ ସମ୍ପାଦନ କରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଦେବରାଜ ଟାକ୍ରିଙ୍କ ଭୂମିକା ମଧ୍ୟ ଉଲ୍ଲେଖନୀୟ ରହିଥିଲା। ପରେଡ୍ ସମାପ୍ତ ହେବା ପରେ ମୁଖ୍ୟ ଅତିଥି ତଥା ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣୀ ମାନବିକତାର ଏକ ଉଦାହରଣ ସୃଷ୍ଟି କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ରୋଗୀମାନଙ୍କୁ ଏବଂ ଜିଲ୍ଲା କାରାଗାରରେ ଥିବା କଏଦୀମାନଙ୍କୁ ଫଳ ବଣ୍ଟନ କରିଥିଲେ।

## ବେଦାନ୍ତ ଆଲୁମିନିୟମ 'ପ୍ରୋଜେକ୍ଟ ପଞ୍ଛୀ' ମାଧ୍ୟମରେ ଓଡ଼ିଶା ଓ ଛତିଶଗଡ଼ର ୧୮୦ରୁ ଅଧିକ ଯୁବତୀଙ୍କୁ ଶିଳ୍ପଭିତ୍ତିକ ଦକ୍ଷତା ପ୍ରଦାନ କରିଛି

ନଷ୍ୱର,୧୬।୮ (ନି.ପ୍ର): ଭାରତ ଏକ ବିଶ୍ୱସ୍ତରୀୟ ମାନୁଫାକ୍ଚରିଂ ଓ ନବସୃଜନ କେନ୍ଦ୍ର ହେବା ଦିଗରେ ଦ୍ରୁତଗତିରେ ଆଗେଇ ଚାଲିଥିବା ବେଳେ, ଦେଶର ଶିଳ୍ପ ପ୍ରଗତିରେ ଅଧିକ ସଂଖ୍ୟକ ଯୁବତୀଙ୍କ ଅଂଶଗ୍ରହଣ ପାଇଁ ସୁଯୋଗ ସୃଷ୍ଟି କରିବା ଏକ ବଡ଼ ସୁଯୋଗ ସହିତ ଅନିବାର୍ଯ୍ୟତା ମଧ୍ୟ। ବେଦାନ୍ତର ଅଧକ୍ଷ ଶ୍ରୀ ଅନିଲ ଅଗ୍ରୱାଲଙ୍କ ଦୂରଦୃଷ୍ଟିରେ ପରିଚାଳିତ 'ପ୍ରୋଜେକ୍ଟ ପଞ୍ଛୀ' ଏକ ଅଭିନବ ପଦକ୍ଷେପ ଭାବେ ଆରମ୍ଭ ହୋଇଛି। ଗ୍ରାମୀଣ ଭାରତର ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ପରିବାରର ଯୁବତୀମାନଙ୍କୁ ସଶକ୍ତ କରିବା ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ। ଉଚ୍ଚଶିକ୍ଷାରେ ସହାୟତା, ଶିଳ୍ପ କ୍ଷେତ୍ର ସହ ପରିଚିତ ହେବାର ସୁଯୋଗ ଏବଂ ସମ୍ମାନଜନକ କ୍ୟାରିୟର ପାଇଁ ପଥ ସୃଷ୍ଟି କରି ଏହି ପଦକ୍ଷେପ ଯୁବତୀଙ୍କ ସ୍ୱପ୍ନକୁ ସଫଳତାରେ ପରିଣତ କରିବା ସହ ଭାରତର ମାନୁଫାକ୍ଚରିଂ, ଖଣି ଓ ଧାତୁ ଶିଳ୍ପ ପାଇଁ ଆଗାମୀ ପିଢ଼ିର ମହିଳା ପେସାଦାରଙ୍କୁ ପ୍ରସ୍ତୁତ କରୁଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଇଞ୍ଜିନିୟରିଂ, ମ୍ୟାନେଜମେଂଟ, କମର୍ସ ଓ ବିଜ୍ଞାନ ବିଷୟରେ ଅଧ୍ୟୟନରତ ୧୮୦ରୁ ଅଧିକ ଯୁବତୀଙ୍କୁ ଓଡ଼ିଶା ଓ ଛତିଶଗଡ଼ରେ ଥିବା ବେଦାନ୍ତ ଆଲୁମିନିୟମ୍ର ବିଶ୍ୱସ୍ତରୀୟ କାର୍ଯ୍ୟକ୍ଷେତ୍ରରେ ଇଂଟର୍ନ ଭାବେ ନିୟୋଜିତ କରାଯାଇଥିଲା। ଏହା ମାଧ୍ୟମରେ ସେମାନେ ୩୦ରୁ ଅଧିକ ବ୍ୟବସାୟିକ ବିଭାଗରେ ପ୍ରତ୍ୟକ୍ଷ ଶିଳ୍ପ ଅଭିଜ୍ଞତା, ଏଆଇ ଆଧାରିତ ଶିକ୍ଷା ଏବଂ ବ୍ୟବହାରିକ ଜ୍ଞାନ ହାସଲ କରିବାର ସୁଯୋଗ ପାଇଥିଲେ। ସୁବ୍ୟବସ୍ଥିତ ପ୍ରୋଜେକ୍ଟ, ବିଭିନ୍ନ ବିଭାଗ ସହ ସମନ୍ୱୟ ଏବଂ ଶିଳ୍ପ ବିଶେଷଜ୍ଞଙ୍କ ମାର୍ଗଦର୍ଶନ ମାଧ୍ୟମରେ ଅଂଶଗ୍ରହଣକାରୀ ମାନେ ଆଧୁନିକ ମାନୁଫାକ୍ଚରିଂ ଓ ଖଣି ପ୍ରଣାଳୀ, ସ୍ଥାୟୀ ବିକାଶ, ଡିଜିଟାଲ୍ ରୂପାନ୍ତରଣ ଏବଂ କର୍ପୋରେଟ୍ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ମୂଲ୍ୟବାନ ଜ୍ଞାନ ହାସଲ କରିଥିଲେ। ଶ୍ରେଣୀଗୃହରେ ହାସଲ କରିଥିବା ଜ୍ଞାନକୁ ବାସ୍ତବ ବ୍ୟବସାୟିକ ସମସ୍ୟାର ସମାଧାନରେ ପ୍ରୟୋଗ କରିବାର ସୁଯୋଗ ଦେଇ ଏହି କାର୍ଯ୍ୟକ୍ରମ ଯୁବତୀମାନଙ୍କୁ ଶିଳ୍ପ ସହ ସମ୍ପୃକ୍ତ ଦକ୍ଷତା, ପେସାଦାର ଅଭିଜ୍ଞତା ଓ କ୍ୟାରିୟର ପାଇଁ ପ୍ରସ୍ତୁତି ପ୍ରଦାନ କରୁଛି। ଏଥିସହ ଦ୍ରୁତଗତିରେ ବିକଶିତ ହେଉଥିବା ଭାରତୀୟ



ମାନୁଫାକ୍ଚରିଂ ପରିବେଶ ପାଇଁ ଭବିଷ୍ୟତର ପ୍ରତିଭାବାନ ମାନବସମ୍ବଳ ଗଠନରେ ମଧ୍ୟ ଏହା ସହାୟକ ହେଉଛି। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, 'ଭାରତର ବିକାଶ ଯାତ୍ରା ଏହା ଉପରେ ନିର୍ଭର କରିବ ଯେ, ସମାଜର ପ୍ରତ୍ୟେକ ବର୍ଗକୁ ଆମେ କେତେ ପ୍ରଭାବଶାଳୀ ଭାବେ ସୁଯୋଗ ଦେଇ ଆର୍ଥିକ ପ୍ରଗତିରେ ସାମିଲ କରିପାରୁଛୁ। ପ୍ରୋଜେକ୍ଟ ପଞ୍ଛୀ ମାଧ୍ୟମରେ ଯୁବତୀମାନଙ୍କୁ ଆଗକୁ ଆସିବା, ନିଜ ସ୍ୱପ୍ନ ପୂରଣ କରିବା ଏବଂ ଦେଶର ବିକାଶରେ ସକ୍ରିୟ ଯୋଗଦାନ କରିବାକୁ ଉତ୍ସାହିତ କରି ସମାବେଶୀ ବିକାଶ ପ୍ରତି ଆମର ପ୍ରତିବଦ୍ଧତାକୁ ଆମେ ଆହୁରି ସୁଦୃଢ଼ କରୁଛୁ। ଅଧିକ ବିବିଧ ଓ ସମାବେଶୀ ଭବିଷ୍ୟତ ପାଇଁ ଏକ ଦୃଢ଼ ଭିତ୍ତିଭୂମି ଗଠନରେ ସହାୟକ ହେଉଥିବା ଏହି ପଦକ୍ଷେପକୁ ସମର୍ଥନ କରି ଆମେ ଗର୍ବିତ। 'ବେଦାନ୍ତ ଆଲୁମିନିୟମ୍ର ମୁଖ୍ୟ ମାନବ ସମ୍ବଳ ଅଧିକାରୀ (ସିଏଚଆରଓ) ପ୍ରବୀଣ ପୁରୋହିତ କହିଛନ୍ତି, 'ଆମେ ବିଶ୍ୱାସ କରୁ ଯେ ପ୍ରକୃତ ସଶକ୍ତୀକରଣ ସୁଯୋଗରୁ ଆସିଥାଏ। ପ୍ରୋଜେକ୍ଟ ପଞ୍ଛୀ ମାଧ୍ୟମରେ ଯୁବତୀମାନଙ୍କୁ ନିଜ ପ୍ରତିଭା ଅନ୍ୱେଷଣ, ମୂଲ୍ୟବାନ ଶିଳ୍ପ ଅଭିଜ୍ଞତା ହାସଲ ଏବଂ ସେମାନଙ୍କ ଆକାଂକ୍ଷାକୁ ସାର୍ଥକ କ୍ୟାରିୟରରେ ପରିଣତ କରିବା ପାଇଁ ସୁଯୋଗ ପ୍ରଦାନ କରୁଛୁ। ଏହି ପ୍ରତିଭାବାନ ଯୁବତୀମାନେ ବାଧା ଦୂର କରି ଆର୍ଥିକ ସ୍ୱାଧୀନତା ହାସଲ କରିବା ସହ ନିଜ ନିଜ ସମୁଦାୟରେ ଆଦର୍ଶ ଭାବେ ଉଭା ହୁଅନ୍ତୁ ବୋଲି ଏହା ଆମର ଲକ୍ଷ୍ୟ। ଯେତେବେଳେ ମହିଳାମାନଙ୍କୁ ଶିଖିବା, ଯୋଗଦାନ କରିବା ଓ ସଫଳ ହେବାର ସୁଯୋଗ ମିଳେ, ସେତେବେଳେ ଏହାର ପ୍ରଭାବ କେବଳ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ସୀମିତ ରହେ ନାହିଁ; ବରଂ ପିଢ଼ି ପରେ ପିଢ଼ି ଦୀର୍ଘସ୍ଥାୟୀ ପରିବର୍ତ୍ତନ ଆଣିଥାଏ।' ଏହି କାର୍ଯ୍ୟକ୍ରମରେ ଇଞ୍ଜିନିୟରିଂ, ମ୍ୟାନେଜମେଂଟ, କମର୍ସ, ଇକୋନୋମିକ୍ସ, ବାୟୋଟେକ୍ନୋଲୋଜି, କେମିଷ୍ଟ୍ରି, ଫିଜିକ୍ସ, ଗଣିତ ଓ ଡାଟା ସାଇନ୍ସର ଛାତ୍ରୀମାନେ ମାନୁଫାକ୍ଚରିଂ, ଖଣି, ଅର୍ଥ, ସ୍ଥାୟୀ ବିକାଶ, ଡିଜିଟାଲ୍ ରୂପାନ୍ତରଣ, ଲଜିଷ୍ଟିକ୍ସ, କମର୍ସିଆଲ୍, କ୍ୱାଲିଟି, ପରିବେଶ, ବୃତିଗତ ସ୍ୱାସ୍ଥ୍ୟ, ପ୍ରଶାସନ, ସିଏସ୍ଆର୍ ଏବଂ ବିଜନେସ୍ ଏକ୍ସଲେନ୍ସ ସମେତ ବିଭିନ୍ନ କ୍ଷେତ୍ରରେ ବାସ୍ତବ ବ୍ୟବସାୟିକ ପ୍ରୋଜେକ୍ଟରେ କାମ କରିଥିଲେ।



## ମା' ସରସ୍ୱତୀ ଶିକ୍ଷା ମନ୍ଦିରରେ ସ୍ୱାଧୀନତା ଦିବସ ପାଳିତ



**କଟକ, ୧୬।୮ (ନି.ପ୍ର):** ସ୍ଥାନୀୟ ଦରଗା ବଜାର, ହାତୀପୋଖରୀ ଛକ ସ୍ଥିତ ମା' ସରସ୍ୱତୀ ଶିକ୍ଷା ମନ୍ଦିରରେ ପବିତ୍ର ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ବଟକୃଷ୍ଣ ଦାସଙ୍କ ସଭାପତିତ୍ୱରେ ବିଦ୍ୟାଳୟର ସଭାପତି ଶ୍ରୀଯୁକ୍ତ ବଂଶୀଧର ଜେନା ଆନୁଷ୍ଠାନିକ ଭାବେ ଜାତୀୟ ପତାକାକୁ ଉତ୍ତୋଳନ କରିଥିଲେ। ସ୍ୱାଧୀନତା ଦିବସ ପାଳନ ଅବସରରେ ଶିଶୁ ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ ଓ ବିଭିନ୍ନ ଭାଷାରେ ବକ୍ତୃତା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଘୋଷବାଦ୍ୟ ସହ ଶିଶୁ ଛାତ୍ରଛାତ୍ରୀମାନେ ପ୍ରଥମ କରି ରାଷ୍ଟ୍ରଗୀତ ବନ୍ଦେ ମାତରଂକୁ ଗାନ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଓ ଶିଶୁ ଭାରତୀ କମିଟିର ଛାତ୍ରଛାତ୍ରୀ ମାନେ ସୁଚାରୁ ରୂପେ ସମ୍ପାଦନା କରିଥିଲେ।

# ଆଦର୍ଶ ବିଦ୍ୟାଳୟ ଲାହାଣ୍ଡାରେ ଛାତ୍ର ନେତୃତ୍ୱ ଦାୟିତ୍ୱ ଅର୍ପଣ ସମାରୋହ

**ଯୋଡା, ୧୬।୮ (ନି.ପ୍ର):** କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଆଦର୍ଶ ବିଦ୍ୟାଳୟ, ଲହଣ୍ଡା, ରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଲହଣ୍ଡା, ଯୋଡ଼ାରେ ୧୪ ଅଗଷ୍ଟ ୨୦୨୬ ତାରିଖରେ ଅତ୍ୟନ୍ତ ଉତ୍ସାହ ଓ ଗରିମାର ସହ ଛାତ୍ର ନେତୃତ୍ୱ ଦାୟିତ୍ୱ ଅର୍ପଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନବନିର୍ବାଚିତ ଛାତ୍ର ପରିଷଦର ସଦସ୍ୟମାନଙ୍କୁ ଔପଚାରିକ ଭାବେ ସେମାନଙ୍କ ଦାୟିତ୍ୱ ଅର୍ପଣ କରାଯାଇଥିବାରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅବସର ଥିଲା। ଏହି ସମାରୋହଟି ପି.ଇ.ଟି. ଶିକ୍ଷକ ଶ୍ରୀ ରାକେଶ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ନବନିଯୁକ୍ତ ହେଡ୍ ବୟ ଓ ହେଡ୍ ଗର୍ଲ, ଡେପୁଟି ହେଡ୍ ବୟ ଓ ଡେପୁଟି ହେଡ୍ ଗର୍ଲ, କଲ୍ଚରାଲ୍ କ୍ୟାପଟେନ୍, ସ୍ପୋର୍ଟସ୍ କ୍ୟାପଟେନ୍, ଡିସିପ୍ଲିନ୍ କ୍ୟାପଟେନ୍ ଓ ଲିଟେରାରୀ କ୍ୟାପଟେନ୍, ତଥା ବିଭିନ୍ନ ହାଉସ୍ ?ର କ୍ୟାପଟେନ୍ ଓ ଭାଇସ୍ କ୍ୟାପଟେନ୍ମାନଙ୍କୁ ଔପଚାରିକ ଭାବେ ଛାତ୍ର ପରିଷଦରେ ସାମିଲ କରାଯାଇ ସେମାନଙ୍କ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଦାୟିତ୍ୱ ଓ ନେତୃତ୍ୱର ପ୍ରତୀକ ସ୍ୱରୂପ ଛାତ୍ର ପରିଷଦର ସଦସ୍ୟମାନଙ୍କୁ ସେମାନଙ୍କ ସମ୍ପୃକ୍ତ ପତାକା ହସ୍ତାନ୍ତର କରାଯିବା ସହ ସେମାନଙ୍କ ବ୍ୟାଜ୍ ଔପଚାରିକ ଭାବେ ପିନ୍ କରାଯାଇଥିଲା। ହାଉସ୍ ଶିକ୍ଷକମାନେ ନିଜ ନିଜ ହାଉସ୍ ?ର କ୍ୟାପଟେନ୍ ଓ ଭାଇସ୍ କ୍ୟାପଟେନ୍ ?ମାନଙ୍କୁ ହାଉସ୍ ପତାକା ହସ୍ତାନ୍ତର କରିବା ସହ ବ୍ୟାଜ୍ ପିନ୍



କରାଇ ସେମାନଙ୍କୁ ଔପଚାରିକ ଭାବେ ଦାୟିତ୍ୱ ଅର୍ପଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନବନିଯୁକ୍ତ ଛାତ୍ର ପରିଷଦର ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ ନେତୃତ୍ୱର ଦାୟିତ୍ୱ ପାଇଁ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ନିଜ ଅଭିଭାଷଣରେ ସେ ଗୁରୁତ୍ୱାରୋପ କରି କହିଥିଲେ ଯେ ନେତୃତ୍ୱ କେବଳ ଏକ ପଦବୀ ଧାରଣ କରିବା ନୁହେଁ, ବରଂ ନମ୍ରତା, ଆନ୍ତରିକତା ଓ ନିଷ୍ଠାର ସହ ଅନ୍ୟମାନଙ୍କ ସେବା କରିବା। ବିଦ୍ୟାଳୟ ଓ ଏହାର ଛାତ୍ରଛାତ୍ରୀଙ୍କ କଲ୍ୟାଣ ଓ ବିକାଶକୁ ଦୃଷ୍ଟିରେ ରଖି ଶୃଙ୍ଖଳା, ସଚ୍ଚୋଟତା ଓ ପ୍ରତିବଦ୍ଧତାର ସହ ନିଜ ଦାୟିତ୍ୱ ନିର୍ବାହ କରିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ପ୍ରେରିତ କରିଥିଲେ। ସେମାନେ ନିଜ ସହପାଠୀମାନଙ୍କ ପାଇଁ ଆଦର୍ଶ ହେବା ସହ ଏକ ସକାରାତ୍ମକ, ଶୃଙ୍ଖଳିତ ଓ ସଜୀବ ବିଦ୍ୟାଳୟ ପରିବେଶ ଗଠନ ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଜଣାଇଥିଲେ। ଏହି ଛାତ୍ର ନେତୃତ୍ୱ ଦାୟିତ୍ୱ ଅର୍ପଣ ସମାରୋହ କେବଳ ବ୍ୟାଜ୍ ଓ ପତାକା ହସ୍ତାନ୍ତରର ଏକ ଔପଚାରିକତା ନଥିଲା; ବରଂ ଏହା ଯୁବ ନେତାମାନଙ୍କୁ ଏହି ଗମ୍ଭୀର ବାର୍ତ୍ତା ଦେଇଥିଲା ଯେ ଅଧିକାର ସହିତ ଦାୟିତ୍ୱ ଏବଂ ନେତୃତ୍ୱ ସହିତ ସେବାର କର୍ତ୍ତବ୍ୟ ଜଡ଼ିତ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଲହଣ୍ଡା, ଯୋଡ଼ାର ମୂଲ୍ୟବୋଧ, ଗରିମା ଓ ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ପାଇଁ ଛାତ୍ର ପରିଷଦର ସଦସ୍ୟମାନେ ନୂତନ ଉତ୍ସାହ ଓ ପ୍ରତିବଦ୍ଧତାର ସହ ସଂକଳ୍ପବଦ୍ଧ ହୋଇଥିଲେ। ଏହିପରି ଭାବେ ଏହି ସମାରୋହ ନେତୃତ୍ୱ, ଦାୟିତ୍ୱବୋଧ, ଶୃଙ୍ଖଳା ଓ ଦଳଗତ କାର୍ଯ୍ୟର ଏକ ଅର୍ଥପୂର୍ଣ୍ଣ ଉତ୍ସବରେ ପରିଣତ ହୋଇଥିଲା। ନବନିଯୁକ୍ତ ଛାତ୍ରନେତାମାନଙ୍କୁ ନିଜ ଆଚରଣ ଓ କାର୍ଯ୍ୟ ମାଧ୍ୟମରେ ଅନ୍ୟମାନଙ୍କ ପାଇଁ ଆଦର୍ଶ ହୋଇ ବିଦ୍ୟାଳୟର ବିକାଶ ଓ ଗୌରବରେ ଅର୍ଥପୂର୍ଣ୍ଣ ଅବଦାନ ରଖିବାକୁ ଏହା ପ୍ରେରଣା ଦେଇଥିଲା।

# ଇମ୍ଫା ଥେରୁବାଲିରେ ସ୍ୱାଧୀନତା ଦିବସ ପାଳିତ

**ରାୟଗଡ଼ା, ୧୬।୮ (ନି.ପ୍ର):** ଗଭୀର ଦେଶପ୍ରେମ, ଉତ୍ସାହ ଓ ଦେଶ ପ୍ରତି ଦୃଢ଼ ପ୍ରତିବଦ୍ଧତାର ସହିତ ଇମ୍ଫା ଥେରୁବାଲି ପରିସରରେ ୮୦ତମ ସ୍ୱାଧୀନତା ଦିବସ ଗର୍ବ ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ଇମ୍ଫା ପରିବାରର ଏକତା, ସୁରକ୍ଷା ପ୍ରତି ସଚେତନତା, ଶୃଙ୍ଖଳା, ଉତ୍କର୍ଷ ଏବଂ ନିରନ୍ତର ବିକାଶ ପ୍ରତି ଦୃଢ଼ ପ୍ରତିବଦ୍ଧତାର ପ୍ରତିଫଳନ ଦେଖିବାକୁ ମିଳିଥିଲା। ଏହି ଅବସରରେ ଥେରୁବାଲି ୟୁନିଟ୍ ର ମୁଖ୍ୟ ତଥା EIC ଶ୍ରୀ ଜି.ଭି. ରାକେଶ, ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ସମୟରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ଇମ୍ଫା ଲେଡିଜ୍ କ୍ଲବ୍ର ସଭାପତି ଶ୍ରୀମତୀ ଲକ୍ଷ୍ମୀ ପଟ୍ଟନାୟକ ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ପତାକା ଉତ୍ତୋଳନ ପରେ ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା, ଯାହା ସମଗ୍ର ପରିବେଶକୁ ଦେଶପ୍ରେମ, ଏକତା ଓ ଜାତୀୟ ଗର୍ବର ଭାବନାରେ ଭରି ଦେଇଥିଲା। ସମବେତ କର୍ମଚାରୀ ଓ ଅଧିକାରୀମାନଙ୍କୁ ସମ୍ବୋଧିତ କରି ଶ୍ରୀ ଜି.ଭି. ରାକେଶ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, "ସୁରକ୍ଷା ଘରୁ ଆରମ୍ଭ ହୁଏ"। ତେଣୁ ଘରଠାରୁ କାର୍ଯ୍ୟସ୍ଥଳୀ ପର୍ଯ୍ୟନ୍ତ ଏବଂ ଦୈନନ୍ଦିନ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସୁରକ୍ଷାର ସଂସ୍କୃତିକୁ ଅନୁସରଣ



କରିବାକୁ ସେ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ପ୍ରତ୍ୟେକ ବ୍ୟକ୍ତି ସଚେତନ ରହିବା, ସୁରକ୍ଷିତ କାର୍ଯ୍ୟପଦ୍ଧତି ଅନୁସରଣ କରିବା ଏବଂ ନିଜ ସହକର୍ମୀ, ପରିବାର ଓ ସମାଜର ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ଦାୟିତ୍ୱବାନ ହେବା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି କହିଥିଲେ ଯେ, କେବଳ ବ୍ୟକ୍ତିଗତ ବିକାଶରେ ସୀମିତ ନରହି କାରଖାନା ର ଅଭିବୃଦ୍ଧି ଏବଂ ଦେଶର ପ୍ରଗତିରେ ପ୍ରତ୍ୟେକ କର୍ମଚାରୀ ସକ୍ରିୟ ଭାବେ ଯୋଗଦାନ କରିବା ଆବଶ୍ୟକ। ଶୃଙ୍ଖଳା, ଦଳଗତ କାର୍ଯ୍ୟ, ସଚ୍ଚୋଟତା, ଦାୟିତ୍ୱବୋଧ ଓ ସାମୂହିକ ପ୍ରଗତିର ମହତ୍ତ୍ୱକୁ ସେ ଉଲ୍ଲେଖ କରିବା ସହ ଏହି ମୂଲ୍ୟବୋଧଗୁଡ଼ିକୁ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ଅନୁସରଣ କରିବାକୁ ସମସ୍ତଙ୍କୁ ପ୍ରେରିତ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀ କ୍ଷିତୀଶ ଚନ୍ଦ୍ର ମହାପାତ୍ର, ଡିଜିଏମ୍ – ଏଚ୍ଆର୍ ଆଣ୍ଡ ଆଡମିନିଷ୍ଟ୍ରେସନ୍, ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସେ ଉପସ୍ଥିତ ସମସ୍ତ ବରିଷ୍ଠ ଅଧିକାରୀ, କର୍ମଚାରୀ, ଇମ୍ଫା ଲେଡିଜ୍ କ୍ଲବ୍ର ସଦସ୍ୟ, ସୁରକ୍ଷା ବିଭାଗ, ଲୋକ ସମ୍ପର୍କ ବିଭାଗ ଏବଂ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିବା ସମସ୍ତଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଥିଲେ। ସ୍ୱାଧୀନତା ଦିବସର ସମଗ୍ର କାର୍ଯ୍ୟକ୍ରମଟି ସୁରକ୍ଷା ବିଭାଗର ଇନ୍ଚାର୍ଜ ଶ୍ରୀ ସୁଧାଂଶୁ ଶେଖର ସାହୁ ଏବଂ ତାଙ୍କ ଟିମ୍ ?ଙ୍କ ଦ୍ୱାରା ସୁଚାରୁ ଭାବେ ଆୟୋଜିତ ହୋଇଥିବାବେଳେ, ଶ୍ରୀ ଦୀପକ କୁମାର ଓଝା, ଆସିଷ୍ଟାଣ୍ଟ ମ୍ୟାନେଜର ଲୋକ ସମ୍ପର୍କ ବିଭାଗ ଦ୍ୱାରା ଏହାର ସମନ୍ୱୟ କରାଯାଇଥିଲା। ସମସ୍ତଙ୍କର ସୁଚିନ୍ତିତ ଯୋଜନା, ସମନ୍ୱୟ ଓ ମିଳିତ ପ୍ରୟାସ ଯୋଗୁଁ କାର୍ଯ୍ୟକ୍ରମଟି ସୁଚାରୁ, ଶୃଙ୍ଖଳିତ ଓ ଗାରିମାମୟ ଭାବେ ସମ୍ପନ୍ନ ହୋଇଥିଲା।

# ପାରାଦୀପ ରୋଟାରୀ କ୍ଲବ ପକ୍ଷରୁ ନଡ଼ିଆ ଗଛ ଚାରା ରୋପଣ

**ପାରାଦୀପ, ୧୬।୮ (ନି.ପ୍ର):** ବନ୍ଦର ସହର ପାରାଦୀପ ରେ ସବୁଜ ବିପ୍ଳବ ସୃଷ୍ଟି କରିବା ଦିଗରେ ଏବଂ ପରିବେଶ ସୁରକ୍ଷାର ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ୮୦ତମ ସ୍ୱାଧୀନତା ଦିବସର ଶୁଭ ଅବସରରେ ପାରାଦୀପ ରୋଟାରୀ କ୍ଲବ ପକ୍ଷରୁ ଏହାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ପାରାଦୀପ ଗଲ୍ଫ କ୍ଲବ ପରିସରରେ ନଡ଼ିଆ ଗଛ ଚାରା ରୋପଣ କାର୍ଯ୍ୟକ୍ରମ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ମହତ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ପି.ଏଲ୍.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ କୁ ପ୍ରଶଂସା କରିବାସହ ପରିବେଶ ପ୍ରତି ରୋଟାରୀଆନ ମାନେ ଯତ୍ନବାନ ଥିବାରୁ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି



ଭାବେ ଉପାଧ୍ୟକ୍ଷ ଟି.ବେଣୁଗୋପାଳ, ଡେପୁଟି କନ୍ ?ଜର୍ଭେଟର କ୍ୟାପଟେନ୍ ଅଲେଖ ଚନ୍ଦ୍ର ସାହୁ, ମୁଖ୍ୟ ଯନ୍ତ୍ରୀ (ସିଇ) ହିମାଂଶୁ ରାଉତ, ସଚିବ କେ.ବାପି ରାଜୁ, ଗଲ୍ଫ କ୍ଲବର ସଭାପତି ତଥା ସି.ଏମ୍.ଇ. ସୁଶୀଳ ଚନ୍ଦ୍ର ନାହାକ ପ୍ରମୁଖ ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇ ବିଗିଡି ଚାଲୁଥିବା ପରିବେଶ କୁ ସଜାଡ଼ିବା ଦିଗରେ ସମସ୍ତେ ବାଡ଼ି ବଗିଚାରେ ଚାରା ରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ପାରାଦୀପ ବନ୍ଦର ର ବରିଷ୍ଠ ଅଧିକାରୀ ଏବଂ ପାରାଦୀପ ଗଲ୍ଫ କ୍ଲବର ସଦସ୍ୟମାନେ ମଧ୍ୟ ଉପସ୍ଥିତ ରହି ଆଗକୁ ପରିବେଶ ସଚେତନତା ଉପରେ ଅନେକ କାର୍ଯ୍ୟକ୍ରମ କରିବାପାଇଁ ସଂକଳ୍ପ ନେଇଥିଲେ। ରୋଟାରୀ କ୍ଲବ ପାରାଦୀପ ପକ୍ଷରୁ ଆୟୋଜିତ ହୋଇଥିବା ଏହି ନଡ଼ିଆ ଚାରା ରୋପଣ କାର୍ଯ୍ୟକ୍ରମ ଆଗକୁ ବଜାଇ ରଖିବାସହ ସବୁଜ ବିପ୍ଳବ ସୃଷ୍ଟି କରିବା ଦିଗରେ ବିଭିନ୍ନ ପଦକ୍ଷେପ ମାନ ଗ୍ରହଣ କରାଯିବ ବୋଲି କ୍ଲବର ସଭାପତି ଅକ୍ଷୟ ଚନ୍ଦ୍ର ସୁତାର ସୂଚନା ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମ ରେ କ୍ଲବର ସଭାପତି ଅକ୍ଷୟ ଚନ୍ଦ୍ର ସୁତାର, ସମ୍ପାଦକ କାଳୀପ୍ରସାଦ ମିଶ୍ର, ଉପସଭାପତି ଦୀପକ କୁମାର ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ବିପ୍ଳବ କୁମାର ଜେନା, ନିର୍ଦ୍ଦେଶକ ଡାକ୍ତର ଦୁର୍ଗାପ୍ରସାଦ ସେଠୀ, ଡାକ୍ତର ପ୍ରଶାନ୍ତ କୁମାର ମହାପାତ୍ର, ଡାକ୍ତର କୈଳାଶ ଚନ୍ଦ୍ର ମହାରଣା, ପ୍ରଫେସର ଅକ୍ଷୟ କୁମାର ମିଶ୍ର ଏବଂ କ୍ଲବର ଅନ୍ୟାନ୍ୟ ସଦସ୍ୟ ଯଥା ସାର୍ଥକ ସାମନ୍ତରାୟ, ଧ୍ରୁବ ତରେଇ, ରଞ୍ଜିତ ବୋମାଲି ପ୍ରମୁଖ ଉପସ୍ଥିତ ରହି ଏହି ଚାରାରୋପଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିସହ ଗଲ୍ଫ କ୍ଲବ, ଓଏଫଡିସି କର୍ମଚାରୀ ଓ କ୍ୟାଡିମାନେ ମଧ୍ୟ ଏହି କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିଥିଲେ।

## ଅମୃତ କାଳରେ ଆତ୍ମନିର୍ଭର ଭାରତର ଆହ୍ୱାନ ବିକଶିତ ଭାରତର ମଜଭୁତ୍ ଭିତ୍ତି ସ୍ଥାପନ କରିଛି : ଆରଡିସି

**ବ୍ରହ୍ମପୁର, ୧୬।୮ (ମନ୍ଥନ):** ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟ ଷ୍ଟାଡ଼ିୟମ ଠାରେ ବ୍ରହ୍ମପୁର ଉପଖଣ୍ଡ ସ୍ତରୀୟ ୮୦ତମ ପବିତ୍ର ସ୍ୱାଧୀନତା ଦିବସ ମହା ସମାରୋହରେ ପାଳନ ହୋଇଛି। ଜାତୀୟ ଦିବସ ପାଳନ କମିଟି ବ୍ରହ୍ମପୁର ସଭାପତି ତଥା ବ୍ରହ୍ମପୁର ଉପ-ଜିଲ୍ଲାପାଳ ଅବିନାଶ କୁମାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମହାନ୍ ଜାତୀୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ମହାନଗର ନିଗମ କମିଶନର ଏ ସସ୍ୟା ରେଡ୍ଡି ଏବଂ ବ୍ରହ୍ମପୁର ଆରକ୍ଷୀ



ଅଧିକ୍ଷକ ଡ.ସର୍ବଣା ବିବେକ ଏମ୍., ଡେପୁଟି କଲେକ୍ଟର ସୁବ୍ରତ ରାମ ବିରାମ ଶତପଥୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ମହାପାତ୍ରଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ହୋଇଥିଲା। ସମବେତ ଜନତା, ପ୍ରଶାସନିକ ଏବଂ ପୁଲିସ୍ ଅଧିକାରୀ ଦେଶର ଗର୍ବ ଓ ଗୌରବର ପ୍ରତୀକ ଜାତୀୟ ପତାକା ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ସାଲ୍ୟୁଟ୍ କରିଥିଲେ। 'ବନ୍ଦେ ମାତରମ୍' ଏବଂ 'ଜନଗଣ ମନ ଅଧିନାୟକ' ସମୂହ ସଂଗୀତ ଗାନରେ ଗଗନ ପବନ ମୁଖରିତ ହୋଇ ଉଠିଥିଲା। ପରେ ମୁଖ୍ୟ ଅତିଥିଙ୍କ ପ୍ୟାରେଡ୍ ଦଳ ପରିଦର୍ଶନ ଏବଂ ଅଭିଭାଷଣ ପରେ ଉପଖଣ୍ଡ ସ୍ତରୀୟ ମହାବିଦ୍ୟାଳୟ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତାକର୍ଷକ ପ୍ୟାରେଡ୍ ଅନୁଷ୍ଠିତ ହୋଇଥିଲା। ପ୍ୟାରେଡ୍ ପରେ ସ୍କୁଲ୍ ର କୁନି କୁନି ପିଲାମାନେ ଦେଶାତ୍ମବୋଧକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଶାରୀରିକ କ୍ରୀଡ଼ା କୌଶଳ ପ୍ରଦର୍ଶନର ଆୟୋଜନ ମଧ୍ୟ ହୋଇଥିଲା। ଝିପିଝିପି ବର୍ଷା ଏବଂ କୋହଲା ପାଗରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ଏହି ମହାନ୍ ଜାତୀୟ ଗଣପର୍ବ ସମାପ୍ତି ଘୋଷଣା ସହ ମୁଖ୍ୟ ଅତିଥି ବିଦାୟ ନେଇଥିଲେ। ଏହା ପୂର୍ବରୁ ସାରା ସହରରେ ପ୍ରତ୍ୟୁଷରୁ 'ରାମଧୂନ୍' ପରିବେଷଣ କରାଯାଇଥିଲା। ଷ୍ଟାଡିୟମ୍ ଚତୁଃପାର୍ଶ୍ୱରେ ଭରପୁର ଜନ ସମାଗମ ମଧ୍ୟରେ ଦେଶ ପ୍ରେମର ଅପୂର୍ବ ଶିହରଣ ଖେଳିଯାଇଥିଲା। ତେବେ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ବର୍ଷା ଯୋଗୁଁ ପୁରସ୍କୃତ କରାଯାଇପାରି ନଥିଲେ ମଧ୍ୟ ପରବର୍ତ୍ତୀ ନିଷ୍ପତ୍ତି ଅନୁଯାୟୀ ଏହି ପୁରସ୍କାର ବିତରଣ ଉତ୍ସବ ଆଗାମୀ ୨୦ ତାରିଖ ସକାଳ ୧୦ ଘଟିକା ସମୟରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ ବୋଲି ସୂଚିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ପରିଚାଳନା କରିଥିଲେ।

## ଚୋରା ଲୁହାପଥର ବୋଝେଇ ୨ ହାଇୱା ଜବତ : ଜଣେ ଗିରଫ



**କୋଇଡା, ୧୬/୦୮ (ନି.ପ୍ର):** କୋଇଡା ଅଞ୍ଚଳରେ ଖଣିଜ ପଦାର୍ଥ ଚୋରାଚାଲାଣ ବିରୋଧରେ ବନ ବିଭାଗର କଡ଼ା ଆକ୍ସନ୍। କୋଇଡା ବନାଞ୍ଚଳ ଅନ୍ତର୍ଗତ ମାଲଦା ସେକ୍ସନର ମଣ୍ଡଯୋଡ଼ା ଗ୍ରାମ ନିକଟରୁ ଚୋରା ଲୁହାପଥର ବୋଝେଇ ଦୁଇଟି ହାଇୱା ଜବତ କରିଛି କୋଇଡା ବନ ବିଭାଗ। ଏହି ଘଟଣାରେ ଜଣେ ଚାଳକଙ୍କୁ ଗିରଫ କରାଯାଇଛି। ବନ ବିଭାଗର ସୂଚନା ଅନୁଯାୟୀ, ରାତ୍ରିକାଳୀନ ପେଟ୍ରୋଲିଂରେ ଥିବା ଟିମ୍ ଆଜି ସକାଳେ ମଣ୍ଡଯୋଡ଼ା ନିକଟରେ OD-୦୯-O-୨୫୮୧ ଓ ଡଜ-୦୯-ଚ-୮୯୦୦ ନମ୍ବର ଦୁଇଟି ହାଇୱାକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଗାଡ଼ି ଦୁଇଟିରେ ବେଆଇନ ଭାବେ ଲୁହାପଥର ପରିବହନ ହେଉଥିବା ଜଣାପଡ଼ିଥିଲା। ପରେ ଉଭୟ ହାଇୱାକୁ ଜବତ କରାଯାଇଥିଲା। ଘଟଣାରେ ଝାଡ଼ଖଣ୍ଡ ଅଞ୍ଚଳର ଚାଳକ ଚରଣ ଗୋପଙ୍କୁ ଗିରଫ କରାଯାଇଛି। ଜବତ ହାଇୱା ଦୁଇଟିର ମାଲିକ କେନ୍ଦୁଝର ଜିଲ୍ଲା ବଡ଼ବିଲ ଅଞ୍ଚଳର ବୋଲି ପ୍ରାଥମିକ ଭାବେ ଜଣାପଡ଼ିଛି। ଗିରଫ ଚାଳକଙ୍କୁ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି କୋଇଡା ବନାଞ୍ଚଳ ଅଧିକାରୀ ଅସିତ କୁମାର ସାହୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଯୋଡ଼ା ପ୍ରେସ୍ କ୍ଲବ୍ ପରିସରରେ ସ୍ୱାଧୀନତା ଦିବସ ପାଳିତ

**ଯୋଡା, ୧୬।୮ (ନି.ପ୍ର):** କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ମାଇନିଙ୍ଗ ଅଫିସ ସାମ୍ନାରେ ଥିବା ଯୋଡ଼ା ପ୍ରେସ କ୍ଲବ ଠାରେ ୮୦ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। । ଏହି ଅବସରରେ ପ୍ରେସ୍ କ୍ଲବ୍ ପରିସର ମଧ୍ୟରେ ଦେଶପ୍ରେମର ଭାବନା ମୁଖରିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଡ଼ା ପ୍ରେସ୍ କ୍ଲବ୍ ?ର ସଭାପତିଶ୍ରୀ ନିହାର ରଞ୍ଜନ ରାଉତ ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜାତୀୟ ପତାକା ଉତ୍ତୋଳନ ପରେ ଉପସ୍ଥିତ ସମସ୍ତ ସଦସ୍ୟ ଜାତୀୟ ସଙ୍ଗୀତ ପ୍ରତି ସମ୍ମାନ ଜଣାଇଥିଲେ। ପରେ ସଭାପତି ନିଜ ଅଭିଭାଷଣରେ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ, ବଳିଦାନ ଓ ଦେଶ ପାଇଁ ସେମାନଙ୍କ ଅବଦାନକୁ ସ୍ମରଣ କରିଥିଲେ। ସେ କହିଥିଲେ ଯେ, ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ଅସୀମ ତ୍ୟାଗ ଓ ବଳିଦାନ ଯୋଗୁଁ ଆଜି ଆମେ ଏକ ସ୍ୱାଧୀନ ଦେଶର ନାଗରିକ ଭାବେ ଗର୍ବର ସହ



ବଞ୍ଚୁଛୁ। ସ୍ୱାଧୀନତାର ମୂଲ୍ୟବୋଧକୁ ସୁରକ୍ଷିତ ରଖିବା ସହ ଦେଶର ଏକତା, ଅଖଣ୍ଡତା ଓ ସାମ୍ପ୍ରଦାୟିକ ସଦ୍ ?ଭାବ ବଜାୟ ରଖିବା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ବୋଲି ସେ ମତ ପ୍ରକାଶ କରିଥିଲେ। ସେହିପରି, ସାମ୍ବାଦିକମାନେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ସମାଜର ସମସ୍ୟା, ଲୋକଙ୍କ ଅଭାବ-ଅଭିଯୋଗ ଓ ବିକାଶର ଚିତ୍ରକୁ ନିରପେକ୍ଷ ଓ ଦାୟିତ୍ୱବାନ ଭାବରେ ସାମ୍ନାକୁ ଆଣିବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ପ୍ରେସ୍ କ୍ଲବ୍ର ସଦସ୍ୟମାନେ ଉପସ୍ଥିତ ରହି ଦେଶପ୍ରେମର ଭାବନା ସହ 'ଭାରତ ମାତା କି ଜୟ' ଓ 'ବନ୍ଦେ ମାତରମ୍' ଧ୍ୱନିରେ ପରିସରକୁ ମୁଖରିତ କରିଥିଲେ। ସମସ୍ତେ ପରସ୍ପରକୁ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇବା ସହ ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସାମାଜିକ ସଦ୍ ?ଭାବକୁ ଆହୁରି ମଜବୁତ କରିବା ପାଇଁ ସଂକଳ୍ପ ନେଇଥିଲେ। ସ୍ୱାଧୀନତା ଦିବସ ପାଳନ ଅବସରରେ ଯୋଡ଼ା ପ୍ରେସ୍ କ୍ଲବ୍ ପରିସରରେ ସୃଷ୍ଟି ହୋଇଥିବା ଦେଶପ୍ରେମମୟ ପରିବେଶ ସମସ୍ତଙ୍କ ମନରେ ଦେଶପ୍ରତି ଗର୍ବ ଓ ଦାୟିତ୍ୱବୋଧକୁ ଆହୁରି ଦୃଢ଼ କରିଥିଲା।

## ବିଭିନ୍ନ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ

**କାକଟପୁର, ୧୬/୮ (ନି.ପ୍ର):** ପୁରୀ ଜିଲ୍ଲା କାକଟପୁର ର ବିଭିନ୍ନ ଅନୁଷ୍ଠାନ ରେ ପାଳିତ ହୋଇଯାଇଛି ପବିତ୍ର ୮୦ ତମ ସ୍ୱାଧିନତାଦିବସ। ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ,ବିଦ୍ୟାଳୟ ମହାବିଦ୍ୟାଳୟ, ବିଭିନ୍ନ ଅନୁଷ୍ଠାନ,ରାଜନୈତିକ କାର୍ଯ୍ୟାଳୟ ସହିତ ସାମ୍ବାଦିକ ସଂଘ ଆଗରେ ଉଡ଼ିଥିଲା ତ୍ରିରଙ୍ଗା।ଜନ ଗଣ ମନ ଅଧି ନାୟକ ଜୟ ହେ...ଓ ବନ୍ଦେ ମାତରଂ ଜାତୀୟ ସଙ୍ଗୀତ ରେ ପ୍ରକମ୍ପିତ ହୋଇପଡ଼ିଥିଲା ଗାଁ ଠୁଁ ସହର, ପୁର ଠାରୁ ପଲ୍ଲୀ। ବିଭିନ୍ନ ବିଦ୍ୟାଳୟ ଯଥା କାକଟପୁର ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ, ମଙ୍ଗଳା ମହାବିଦ୍ୟାଳୟ,ରାମକୃଷ୍ଣ ଶିଶୁମନ୍ଦିର, ସରସ୍ୱତୀ ଶିଶୁମନ୍ଦିର, ଜାହାନ ପବ୍ଲିକ ସ୍କୁଲ, ଡ଼ିଏଭି ପବ୍ଲିକ ସ୍କୁଲ, ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ର, କାକଟପୁର ଥାନା, ବ୍ଲକ ଓ ବିଭିନ୍ନ ଅନୁଷ୍ଠାନ ଆଦି ରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିବା ବେଳେ,ଛାତ୍ରଛାତ୍ରୀ ମାନେ ପ୍ରଭାତ ଫେରି କରି ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀ ମାନଙ୍କ ଜୟ ଜୟ ଗାନ କରିଥିଲେ। ତତସହିତ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ରେ ଜାତୀୟ ବୀର ମାନଙ୍କ ବୀର ଗାଥା ର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଅନୁରୂପ ଭାବରେ କାକଟପୁର ପ୍ରେସ କ୍ଲବ କାର୍ଯ୍ୟାଳୟ ରେ ସ୍ୱାଧିନତାଦିବସ ମହାସମାରୋହ ରେ ପାଳନ ହୋଇଥିଲା। ପ୍ରେସ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିତ ପତାକା ଉତ୍ତୋଳନ କରିଥିବାବେଳେ ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ, ସମ୍ପାଦକ ଆଦିତ୍ୟ ରାଉତ, ଭାଗବତ ସ୍ୱାଇଁ, ମାନସ କୁମାର ଦୀକ୍ଷିତ, ପ୍ରଦୀପ



କୁମାର ପଣ୍ଡା,, ନୃସିଂହ ବେହେରା,ପୂର୍ଣଚନ୍ଦ୍ର ପଣ୍ଡା, ପ୍ରଶାନ୍ତ କୁମାର ଜେନା, ଶୁଭଦର୍ଶନ ମିଶ୍ର, ଅକ୍ଷୟ ପ୍ରସାଦ ମହାନ୍ତି, ପ୍ରଭାସ କୁମାର ପୃଷ୍ଟି,ସାମସୁଲ ବାବୁ,ପ୍ରମୁଖ ଓ ରାମକୃଷ୍ଣ ଶିଶୁମନ୍ଦିର ର ଛାତ୍ରୀ ମାନେ ଜାତୀୟ ପତାକା ଉତ୍ତୋଳନ କରିବା କାର୍ଯ୍ୟକ୍ରମ ରେ ସାମିଲ ଥିଲେ।

# ଜିଲ୍ଲାସ୍ତରୀୟ ୮୦ ତମ ସ୍ୱାଧୀନତା ଦିବସ ପାଳିତ

**କଟକ, ୧୬।୮ (ନି.ପ୍ର):** କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଐତିହାସିକ ବାରବାଟି ଷ୍ଟାଡିୟମ୍ ଠାରେ ୮୦ ତମ ସ୍ୱାଧିନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମାନ୍ୟବର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଜିଲ୍ଲାସ୍ତରୀୟ ପରେଡରେ ଅଭିବାଦନ ଗ୍ରହଣ କରି ପ୍ରଥମେ କଟକବାସୀଙ୍କୁ ସ୍ୱାଧୀନତା ଦିବସ ଅବସରରେ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଏକ ନୂଆ ଓଡ଼ିଶା, ବିକଶିତ ଓଡିଶା ଗଠନ ଦିଗରେ ସମସ୍ତେ ସଙ୍କଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ଦେଶର ସ୍ୱାଧୀନତା ସଂଗ୍ରାମରେ ଆତ୍ମବଳି ଦେଇଥିବା ମହାମନିଷୀ ମାନଙ୍କୁ ସ୍ମରଣ କରି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେ କହିଥିଲେ କଟକ ଏକ ସାଧାରଣ ସହର ନୁହେଁ। ଏହି ସହରରେ ଓଡିଶାର ଅତୀତର ଇତିହାସ ଓ ଐତିହ୍ୟ ଜଡ଼ିତ ରହିଛି। ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନ କଟକର ଐତିହାସିକ ସ୍ୱରାଜ ଆଶ୍ରମରୁ ଆନ୍ଦୋଳନର ମୂଳଦୁଆ ପଡ଼ିଥିଲା। କଟକ ଓଡ଼ିଶାର ସାମାଜିକ,ସାଂସ୍କୃତିକ,



ରାଜନୈତିକ, ଏବଂ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଆମେ ସମସ୍ତେ ମିଳିମିଶି ଏକ ସମୃଦ୍ଧ ଓଡିଶା ଗଠନ ପାଇଁ ସଂକଳ୍ପ ବଦ୍ଧ ହେବା ସହିତ ଓଡ଼ିଶାକୁ ଆଗକୁ ନେବାକୁ ପଡିବ। ବର୍ତ୍ତମାନ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ପ୍ରଗତି ହେଉଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ଦ୍ରୁତ ଗତିରେ ଆଗେଇ ଚାଲିଛି ବୋଲି ସେ କହିଥିଲେ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଢ଼ିବାର ସ୍ୱପ୍ନ ସାକାର କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ସ୍ୱାଧୀନତା ଦିବସ ଅବସରରେ ବିଭିନ୍ନ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିବା ସହିତ, ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ ମଞ୍ଚରେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଋଷିକେଶ ଖିଲାରୀ ଦ୍ୟାନଦେଓ, କଟକ ମହାନଗର ନିଗମ ଆୟୁକ୍ତ କିରନଦୀପ କୌର ସହୋତା ଉପସ୍ଥିତ ଥିଲେ। ଚଳିତ ବର୍ଷ ଜିଲ୍ଲାସ୍ତରୀୟ ପରେଡକୁ ପରିଚାଳନା କରିଥିଲେ ପରେଡ କମାଣ୍ଡର ବିଷ୍ଣୁ ପ୍ରସାଦ ମିଶ୍ର। ପରେଡରେ ୨ଟି ପୋଲିସ୍ ପ୍ଲାଟୁନ୍ ?, ଗୋଟିଏ ହୋମଗାର୍ଡ ପ୍ଲାଟୁନ୍ ?, ୧୨ ଟି ଏନସିସି ଦଳ, ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପୋଲିସ ବ୍ୟାଣ୍ଡକୁ ମିଶାଇ ମୋଟ ୩୬ ଟି କଣ୍ଟିନଜଏଂଟ ଭାଗ ନେଇଥିଲେ। ସ୍ୱାଧୀନତା ଦିବସ ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିଅମଠାରେ ବିଶାଳ ରକ୍ତଦାନ ଶିବିରର ଉଦ୍ଘାଟନ କରିଥିଲେ। ଜିଲ୍ଲା ପ୍ରଶାସନ, କଟକ ମହାନଗର ନିଗମ, କଟକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ରକ୍ତଦାନ ଶିବିରରେ ୨୩୦ ରୁ ଅଧିକ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପ୍ରତ୍ୟେକ ରକ୍ତଦାତାଙ୍କୁ ଉପହାର ସ୍ୱରୂପ ପୁସ୍ତକ ପ୍ରଦାନ କରାଯାଇଥିଲା। ପରେ ରାଜସ୍ୱମନ୍ତ୍ରୀ କଟକ ଜେଲ ରୋଡ୍ ଠାରେ ଥିବା ପୁରୁଣା ଜେଲ ପରିଦର୍ଶନ କରିବା ସହ ନେତାଜୀ ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ର ବୁଲି ଦେଖିଥିଲେ। ଏହା ପରେ ମନ୍ତ୍ରୀ ଶ୍ରୀଯୁକ୍ତ ପୂଜାରୀ ସ୍ୱରାଜ ଆଶ୍ରମ ଯାଇ ସେଠାରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସ୍ୱରାଜ ଆଶ୍ରମଠାରେ ସିଆଇଏସଏଫ ପକ୍ଷରୁ ବ୍ୟାଣ୍ଡ ଯୋଗେ ବିଭିନ୍ନ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ପ୍ରାତଃ ଘ.୦୪.୩୦ମି. ସମୟରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ ତରଫରୁ ଡାକବାଜି ଯନ୍ତ୍ର ଯୋଗେ ରାମଧୂନ୍ ବଜାଯାଇ ସହର ପରିକ୍ରମା କରିଥିଲା।

## ଅନୈତିକ କାର୍ଯ୍ୟର ଲିପ୍ତ ଥିବା ଦୁଇ ଅଭିଯୁକ୍ତ ଗିରଫ

**କୋଣାର୍କ, ୧୬।୮ (ନି.ପ୍ର):** କୋଣାର୍କ ପୋଲିସ ଦ୍ୱାରା ଅନୈତିକ କାର୍ଯ୍ୟକୁ ଲୋକଲୋଚନକୁ ଆଣିବା ସହ ଘଟଣାରେ ସମ୍ପୃକ୍ତ ମହିଳା ଓ ପୁରୁଷଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିବା ଜଣାପଡିଛି।କୋଣାର୍କରଏକ ସାହିରେ ଘର ଭଡ଼ା ନେଇ ଚାଲୁଥିବା ରାକେଟ ପର୍ଦ୍ଦାଫାର୍ସ କରିଛି ପୋଲିସ।ଘଟଣା ବିଷୟରେ ଜୈନିକ ମହିଳାଙ୍କ ଅଭିଯୋଗକ୍ରମେ କୋଣାର୍କ ପୋଲିସ୍ ଦୁଇ ଜଣ ଦଲାଲ୍ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଜଣେ ଗ୍ରାହକଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଛି।ସୂଚନା ଅନୁଯାୟୀ କାକଟପୁର ଅଞ୍ଚଳର ଜୈନିକ ମହିଳାଙ୍କ ଅଭିଯୋଗ ଅନୁଯାଇ କୋଣାର୍କ ବେହେରା ସାହିରେ ଘର ଭଡ଼ା ନେଇ ନିଜ ସ୍ତ୍ରୀ ସହିତ ରହୁଥ ?ିବା ଜଣେ ଯୁବକ ଓ ଧନିତ୍ରି ଅଞ୍ଚଳର ଜଣେ ମହିଳା ତାଙ୍କୁ ଅଧିକ ରୋଜଗାର ପାଇଁ ଦେହ ବେପାରରେ ସାମିଲ କରିଥିଲେ। ଟଙ୍କା ଦେବା ନେବକୁ ନେଇ ବିବାଦ ଉପୁଜିବାର ଉକ୍ତ ମହିଳା କୋଣାର୍କ ଥାନାରେ ଅଭିଯୋଗ କରିଥିଲେ। କୋଣାର୍କ ପୋଲିସ ଅଭିଯୋଗକୁ ଗୁରୁତ୍ୱ ସହ ନେଇ ତଦନ୍ତ କରି ଜଣେ ଗ୍ରାହକ ଓ ଜଣେ ମହିଳା ଓ ଅନ୍ୟଜଣେ ଦଲାଲଙ୍କୁ ଗିରଫ କରିଥିଲେ। ତଦନ୍ତ ଦନ୍ତ ପରେ ପରେ ପୀଡିତାଙ୍କୁ ଡାକ୍ତରୀ ମାଇନା କରିବା ସହ ଘଟଣାରେ ସମ୍ପୃକ୍ତ ଜଣେ ମହିଳାଙ୍କ ସହ ଜଣେ ଯୁବକକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏନେଇ କୋଣାର୍କ ଥାନା ପକ୍ଷରୁ ୨୩୩/୨୬ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି। କୋଣାର୍କରେ ଛତୁ ଫୁଟିଲା ପରି ଖୋଲିଥିବା ଅନେକ ଲଜ ଓ କଲ୍ୟାଣ ମଣ୍ଡପରେ ଏହି ପରି ଅନୈତିକ କାର୍ଯ୍ୟକଳାପ ଚାଲିଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଜନସାଧାରଣ ନିନ୍ଦା କରିବା ସହ ଏହି ସବୁ ଅନୈତିକ କାର୍ଯ୍ୟକାଳକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଦାବୀ ପ୍ରକାଶ କରିଅଛନ୍ତି।

